ସାଃ ଝୁଃ ସ୍ଥାଃ ଓ ସାଃ ପୋଃ ୫୪ କଟକ ଖାସମହାଲ ନ ୨୬୧୭ ଭଃ ତାଃ କଟକ ହାଟ ଦାଲ ମୌଃ ପାଟପୁର ସାମିଲ ଦେଉଁଆନ ବଜାର ନ ୩୮ ଜମାବନ୍ଦି ଓ ନ ୧୧୭୨ ଖାତା ଭାଃ ପଟ୍ଟାବାରୀ ଏ୦—୦୧୫ରୁ ଜମା ଟ ୧୮/ ଅଟେ ଉକ୍ତ ଜମି ଓ ତହିଁଉପରେ ଥିବା ଗାଛ ଛପରଘର ଓ ପକ୍କାକୂପ ଓଗେର ସର୍ବପ୍ରକାର ସତ୍ତ୍ୱରେ ଦେଣଦାରର ଯେ ଅଂଶ ଓ ସତ୍ତ୍ୱ ସ୍ୱାର୍ଥ ଅଛି ତାହା ନିଲାମ ହେବ

---

ନ୫୭ନମ୍ବର ଜାରୀ          ସନ ୧୯୩୩ ମସିହା

ପ୍ରଥମ ମୁଃ କଟକ

ଗଙ୍ଗାଧର ପଟ୍ଟନାୟକ          ଡ଼ିଃ

ଗୋବିନ୍ଦଚନ୍ଦ୍ର ନାଏକ          ଦେଃ

ଦେଃର ସମ୍ପତ୍ତି ତା୧୫।୫।୩୩ରିଖରେ ନିଲାମ ହେବ।

୧। ଜିଃ କଟକ ସ୍ଥାଃ ସାଃ ଜଗତସିଂହପୁର ସ୍ଥାଃ ଖଣ୍ଡିଗୋ ତାଃ ସିଙ୍ଗପୁର ନ୨୩୨୪ନମ୍ବର ଭଃ ନ୪୮୧ ଥାଃ ମୌଃ ଆକନ୍ଦପୁର ନ୧୩୭ ଖାତା ଭାଃ, ଆମ ଏ୭—୬୭୭ ଓ ପାଡ଼ ଏ୧୯୮୭ ମଧ୍ୟରୁ ଏ୩—୫୩ରୁ ଜମା ଟ୭୧ ସାଡ଼େ ଦାଲ ବନ୍ଦୋବସ୍ତର ନ୫୩୭ ଥାଃ ନ୧୪୪ ଖାତା ଭାଃ, ଏ୮—୪୮ ମଧ୍ୟରୁ ଏ୩—୫୮ରୁ ଜମା ଟ୧୦। ଓ ଉପସ୍ଥିତ ସମସ୍ତ ସତ୍ତ୍ୱ ନିଲାମ ହେବ ଥାଃ ମୂଃ ଟ୩୦୦୧

---

## ଗାନ୍ଧିଜିଙ୍କ ଉପବାସ

## ସମଗ୍ର ଭାରତରେ ଉପାସନା

ପୁନା ୮।୫।୩୩

ଆଜ ଦିନ ଠିକ୍ ୧୨ ଟା ସମୟରେ ମହାତ୍ମାଗାନ୍ଧି ଅନଶନ ବ୍ରତ ଆରମ୍ଭ କଲେ। ଏଥି ପୂର୍ବରୁ ମହାଦେବ ଦେଶାଇ ଗାନ୍ଧିଙ୍କ ଫଳ ରସ ମହୁ ଓ ପାଣି ପିଇଥିଲେ, ଶ୍ରୀଯୁକ୍ତ ମହାଦେବ ଦେଶାଇ ଏକଦଣ୍ଡ କାଳ ଶ୍ରୀମଦ୍ଭଗବତ ଗୀତାର ୧୮ ଅଧ୍ୟାୟ ସମସ୍ତ ପାଠକରି ଶୁଣାଇଲେ। ଏହାପରେ ସେଠାରେ ଥିବା ସମସ୍ତଙ୍କ ସହିତ ସେ ଭଗବତ ପ୍ରାର୍ଥନା କରିଥିଲେ। ଶ୍ରୀମତୀ ସରୋଜିନୀ ନାଇଡୁ ମହାତ୍ମାଜୀଙ୍କର ସେବା ଶୁଶ୍ରୂଷାର ସମସ୍ତ ଭାର ଗ୍ରହଣ କରିଛନ୍ତି।

---

## କଟକରେ ବିରାଟ ସଭା

କଟକ ୮।୫।୩୩

କଟକରେ ମହାତ୍ମାଜୀଙ୍କ ଉପବାସ ଆରମ୍ଭ ଦିନରେ ସକାଳେ ପ୍ରଭାତଫେରି, ସନ୍ଧ୍ୟାରେ ସହର ଭଗବାନ ପଟୁଆର ଏବଂ ଟାଉନହଲରେ ବିରାଟ ସଭା ହୋଇଥିଲା। ସଭାରେ ସ୍ୱାସ୍ଥ୍ୟ ଏକାବେଳକେ ଅଧିକ ସହରବାସୀ ଯୋଗ ଦେଇଥିଲେ, ଉତ୍କଳ ପରିଷଦର ସମ୍ପାଦକ ଶ୍ରୀ ଜଗନ୍ନାଥ ଦାସ ସଭାପତି ହୋଇଥିଲେ, ସଭାରେ ଉପସ୍ଥିତ ସମସ୍ତେ ମହାତ୍ମାଜୀଙ୍କ ଏ ବ୍ରତର ସଫଳତା ପାଇଁ ଏବଂ ତାଙ୍କର ଦୀର୍ଘ ଜୀବନ କାମନା କରି ଭଗବାନ ପ୍ରାର୍ଥନା କରିଥିଲେ।

---

## ବିଲାତରେ ଭାରତ କମିଟି

ଭାରତ କମିଟିର କାର୍ଯ୍ୟ ମେ ମାସ ୧୧ ତାରିଖରେ ଆରମ୍ଭ ହେବ ବୋଲି କମିଟିର ସଭାପତି ଲର୍ଡ ଲିନ୍ଲିଥଗୋ ପ୍ରକାଶ କରିଛନ୍ତି। ଭାରତୀୟ ପ୍ରତିନିଧିମାନଙ୍କୁ ଦୁଇ ହୋଇଥିଲା ମେ ମାସ ୪ ତାରିଖ ପୂର୍ବରୁ ସେଠାରେ ପହଞ୍ଚି ହେବାକୁ।

---

## କଲିକତାରେ ହଇଜା

କଲିକତା ସହରରେ ବର୍ତ୍ତମାନ ତୀବ୍ର ଭାବରେ ହଇଜା ରୋଗ ଲାଗିଛି। ବହୁତ ଲୋକଙ୍କର ମୃତ୍ୟୁ ହେଉଛି। କ୍ରମେ ଏ ରୋଗ ବଢ଼ିବାର ସମ୍ଭାବନା।

---

## ପଣ୍ଡିତ ମାଲବ୍ୟଙ୍କ ଉପଦେଶ

ଗତ ତା୬ ରିଖ ସନ୍ଧ୍ୟାରେ ଏଲାହାବାଦ ପ୍ରୟାଗ ସମ୍ମିଳନୀରେ ପଣ୍ଡିତ ମଦନମୋହନ ମାଳବ୍ୟ କହିଥିଲେ। "ଶରୀରକୁ ସୁସ୍ଥ ରଖିବାର ପ୍ରତ୍ୟେକ ଲୋକର ପ୍ରଧାନ କର୍ତ୍ତବ୍ୟ। ଆମ୍ଭ ଲୋକମାନେ ଅତି ମନ୍ଦଚଥା, ଦୁଧ, ଘିଅ ବେଶି ପରିମାଣରେ ଖାଇ, ଦୁଗ୍ଧ ମାଂସ ମାଛ ତ୍ୟାଗ କରିବା ଉଚିତ। ଅସ୍ପୃଶ୍ୟମାନଙ୍କ ଯୁବକମାନଙ୍କ ପ୍ରାୟ ଦୁଗ୍ଧ ପାଇବା ଅତି ଆବଶ୍ୟକ ହେଉଛି। ଏହି ବ୍ୟବସ୍ଥା କରିବା ଉଚିତ। ଏପରି ଖାଦ୍ୟ ମନୁଷ୍ୟ ପକ୍ଷରେ ଅଦ୍ଭୁତ।"

---

## କଂଗ୍ରେସ ସହିତ ସାଲିସ ହେବ

ସିମଲା ୧୧।୪।୩୩

ସିପେସ ପ୍ରକାଶ ଯେ ସିମଲା ସରକାର ମହଲରୁ ବିଶ୍ୱସ୍ତ ସୂତ୍ରରେ ବୁଝିଲେ ଯେ ଭାରତ ସରକାର, କମନ୍ସରକାର ଏବଂ ଭାରତ ସଚିବଙ୍କର ବର୍ତ୍ତମାନ ଖୁବ ଜୋରରେ କଥାବାର୍ତ୍ତା ଚାଲିଛି। ଭାରତସରକାର ବର୍ତ୍ତମାନ ଏହି ବୁଝିବା ଦରକାରୁ ଚାହାନ୍ତି। ତାଙ୍କ ଉତ୍ତରରେ ସୁବିଧାପାଇଁ ମନ ବଳାଇବାର ଲକ୍ଷଣ ପ୍ରକାଶ ପାଇଲାଣି। ଲୋକସାଧାରଣଙ୍କ ମନୋଭାବ ମଧ୍ୟ ଲକ୍ଷ କରୁଛନ୍ତି। ତାଙ୍କ ଉପରବେଳା ମନ୍ତ୍ରୀଙ୍କ ସହିତ ପୁଣି ଏକ ବୈଠକ ବସିଥିଲା।

---

## ଜିଲ୍ଲାବୋର୍ଡ ନିର୍ବାଚନପାଇଁ ଯନ୍ତ୍ର

ମହାଶୟ !

କଟକ ଜିଲ୍ଲାବୋର୍ଡର ନିର୍ବାଚନ ନିକଟ ହୋଇ ଆସିବାରୁ ବର୍ତ୍ତମାନ ବୋର୍ଡର କର୍ତ୍ତୃପକ୍ଷମାନେ ନିଜ ସ୍ୱାର୍ଥରକ୍ଷାପାଇଁ ଗୁରୁତ୍ର ଷଡ଼ଯନ୍ତ୍ରରେ ଲାଗିପଡ଼ିଲେଣି। ଗତ ନିର୍ବାଚନ ସମୟରେ ଯେଉଁ ପ୍ରାର୍ଥୀମାନଙ୍କର ମଧ୍ୟ ବିପକ୍ଷରେ ଥିଲେ ସେମାନେ ଏଥର ଆସିବେ ସେକଥା ଜାଣି ସେମାନଙ୍କୁ ହାତ କରିବାକୁ ଗମ୍ଭୀର ଚେଷ୍ଟା ଚାଲୁଅଛି। ଅଳ୍ପଦିନ ପୂର୍ବେ କୌଣସି ବୋର୍ଡ ସମ୍ପର୍କୀୟ ବିଶିଷ୍ଟ ଠାକୁର ଲୋକମାନଙ୍କ ମଧ୍ୟରେ ମନ୍ତ୍ରଣା ଚାଲିଥିଲା ଓ କେନ୍ଦ୍ରାପଡ଼ା ଆଦିରେ ଗସ୍ତ କରିବାକୁ ସାଇ ଲୋକମାନଙ୍କୁ ତାଙ୍କପାଇଁ ଭୋଟ ଦେବାକୁ ଅନୁରୋଧ କରୁଅଛନ୍ତି। ଏଥିରେ ବୁଝିହେଉଛି ଯେ ଏଥର ପ୍ରଥମରେ ଭୋଟପାଇଁ ଚାଲାକି ହେଉଛି ଏବଂ ବୋର୍ଡ କାର୍ଯ୍ୟ ଚଳାଇବା ମଧ୍ୟ ହେଉଅଛି। କେନ୍ଦ୍ରାପଡ଼ାରେ ଚେୟାରମ୍ୟାନ୍ ତାଙ୍କର ଗତ ଉପରକ୍ତ କାର୍ଯ୍ୟକାଳ ସମୟରେ ସ୍ୱାସ୍ଥ୍ୟ କୌଣସି ଅଞ୍ଚଳକୁ ଗସ୍ତ କରିବାକୁ ଯାଇ ନାହାନ୍ତି। କିନ୍ତୁ ଏଥର ଚେୟାରମ୍ୟାନ ଉତ୍ସାହିତ ଗସ୍ତ କରନ୍ତି। ଏ ସ୍ଥାନରେ ବୋର୍ଡର ସେକ୍ରେଟାରୀ ସାଥ ନିଶ୍ଚ ଥିବେ କେନ୍ଦ୍ରାପଡ଼ା ଲୋକାଳ ବୋର୍ଡରେ ପ୍ରଶ୍ନ ପଚାରିଥିଲେ। କିନ୍ତୁ ଚେୟାରମ୍ୟାନ ସ୍ୱାର୍ଥ ନେବାକାଣି ସେ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇ ନାହାନ୍ତି, ଏପରି ଅନ୍ୟାୟମୂଳକ ସର୍ବସାଧାରଣଙ୍କ ଅର୍ଥ ଅପବ୍ୟୟ ହେବା ବୋଲି ଅପଶୋଷଜନକ।

ଅଣ

Split by PDF Splitter

Digitized by srujanika@gmail.com

Split by PDF Splitter



ନଂ ୧୯ ମୂଳ ଡିକ୍ରିଜାରି ସନ ୧୯୩୨ ମସିହା

ଇଃ ୧ମ ମୁନସଫ କଟକ

ରଘୁନାଥ ପଟ୍ଟନାୟକ — ଜାରିକାରି ଡିଃଦାର

ବୈଷ୍ଣବୀ ପଟ୍ଟନାୟକ ଓଗୈରେ — ଦେଃ ମାନେ

[illegible]ବାରଙ୍କର କରଜରି ଟଙ୍କା ଅଦାୟ ନିମନ୍ତେ ଦେଣଦାରଙ୍କର ନିମ୍ନଲିଖିତ ସମ୍ପତ୍ତିମାନ ତା ୧୫।୧।୩୩ ରିଖରେ ନିଲାମହେବ।

୧। ଜିଃ କଟକ ପ୍ରଃ କଣ୍ଟେ ଓ ସଃ ଦେଃ ମୁଃ କଟକ ସଦର ଇଲାକାଧୀନ ପ୍ରଃ କୋଦଣ୍ଡା ମୌଃ [illegible] ଥାନା ନଂ୧୬୩ ଇତ୍ୟାଦିରେ ଥିବା ନଂ୧୩୫୮ ଖତିୟାନ ଭାଃ, ନଂ୫୨ ଖାତା ଭାଃ, ଭାଃ ଦାବେଲ ବୃତ୍ତି ମଧ୍ୟରୁ ଦେଣଦାରମାନଙ୍କର ଦଖଲ ଭାଃ ଏ୦—୦୯ ବୃତ୍ତି ଓ ତଦସ୍ଥିତ ବୃକ୍ଷାଦି ସହିତ ଅଃ ମୂଃ ଟ୫୯।

୨। ପ୍ରଃ ମୌଃ ଏକନ ନଂ୨୦୪୦ ଖତିୟାନ ଭାଃ, ଖା ୩୩୦ ଭାଃ ନଃ ଭାଗ ବୃତ୍ତିମଧ୍ୟରୁ ଦେଣଦାରମାନଙ୍କର ପୃଥକ ଦଖଲ ଏ୦—୦୬-୨୫ ବୃତ୍ତି ଓ ତହିଁରେଥିବା ଦାନ୍ଧ ଛପରଘର କବାଟ ଝରକାଠ ଓ ବୃକ୍ଷାଦି ଓଗୈରେ ସବୁଲତୁଦାର ମନୁଷ୍ୟର ସହିତ ଅଃ ମୂଃ ଟ୧୫୯।

୩। ପ୍ରଃ ମୌଃ ଏକନ ନଂ୨୬୩ ବାଃ ଉକ୍ତ ନ୨ ଖାତା ସ୍ଥିତିବାନ ଏ୧—୮୩ଲୁ ଜମା ଟ୩।୬ ମଧ୍ୟରୁ ଦେଃ ମାନଙ୍କର ଦଖଲ ଏ୦-୩୫ଲୁ ଜମା ଟ୦।୭ ବୃତ୍ତି ଓ ତଦସ୍ଥିତ ସକଳସ୍ତୁଦାର ସବୁ [illegible] ଅଃ ମୂଃ ଟ୮୯।

୪। ପ୍ରଃ ମୌଃ ଏକନ ଖା୨୧୬ ଖଃ ପ୍ରଃ ମଃ [illegible] ବୃତ୍ତି ମଧ୍ୟରୁ ଦେଣଦାରମାନଙ୍କର ଦଖଲ ଏ୦—୦୩—୬୫ଲୁ ଜମା ଟ୦/ ବୃତ୍ତି ଓ ତଦସ୍ଥିତ ବୃକ୍ଷାଦି ସହିତ ଅଃ ମୂଃ ଟ୫୯।

୫। ପ୍ରଃ ମୌଃ ଏକନ ଖା ୨୯୮ ଖଃ ପ୍ରଃ ମଃ [illegible] ଏ୦—୪୯ଲୁ ଜମା ଟ୦୫ ମଧ୍ୟରୁ ଦେଃ ମାନଙ୍କର ଦଖଲ ଅଂଶ ଟ୦।୮ଲୁ ଏ୦—୦୮୨ଲୁ ଜମା ଟ୦।୧୫ ବୃତ୍ତି ଓ ତଦସ୍ଥିତ ବୃକ୍ଷାଦି ଓଗୈରେ ସକଳ ପ୍ରକାର ସବୁ ସହିତ ଅଃ ମୂଃ ଟ୮୯।

୬। ପ୍ରଃ ମୌଃ ଏକନ ଖା୩୨୪ ଭାଃ ପ୍ରଃ ଚାରି ବୃତ୍ତିମଧ୍ୟରୁ ଦେଃ ମାନଙ୍କର ଦଖଲ ଏ୦—୦୩ଲୁ ଜମା ଟ୦/୩ ବୃତ୍ତି ଓ ତଦସ୍ଥିତ ବୃକ୍ଷାଦି ସହିତ ଅଃ ମୂଃ ଟ୫୯।

ନଂ ୪୦୫ ମୂଳ ଜାରି ସନ ୧୯୩୨ ମସିହା

[illegible]ମୋହନ ମହାନ୍ତି ଓଗୈରେ — ଡିଃ ମାନେ

[illegible] ସାହୁ ଓଗୈରେ — ଦେଃ ମାନେ

ଏ ମୋକଦ୍ଦମାରେ ତା ୧୫।୫।୩୩ ରିଖରେ ଦେଣଦାରମାନଙ୍କର ଦେଣଦାରଙ୍କ ନିମ୍ନଲିଖିତ ସମ୍ପତ୍ତିମାନ ଅଙ୍କ କଚେରୀ ମୁଃରେ ନିଲାମ ହେବ।

୧। ଜିଃ କଟକ ପୋଃ ସଃ ମୁଃ କଟକ ସଦର ନଂ୨୫୩ ଥାନା ପ୍ରଃ କୋଦଣ୍ଡା ନଂ୧୯୮୨ ତଃ ମୌଃ କୋଲପଦା ନଂ୧୮୫ ଖାତା ସ୍ଥିତିବାନ ଏ୦—୧୪ଲୁ ଜମା ଟ୦।୬୨ ମଧ୍ୟରୁ ଦେଃ ଖା ଏ୦—୨୯—୪ ଜମା ଟ୦୨୪ ଅଟେ ଅଃ ମୂଃ ଟ୮୯।

୨। ମୌଃ ଏକନ ନଂ୨୫୯ ଖାତା ସ୍ଥିତିବାନ ଏ୦—୨ଲୁ ଜମା ଟ୧/ ଅଟେ ଅଃ ମୂଃ ଟ୨୪୯।

୩। ମୌଃ ଏକନ ନଂ୨୬୦ ଖାତା ସ୍ଥିତିବାନ ଏ୦—୦୮ ଜମା ଟ୦।୩ ମଧ୍ୟରୁ ଦେଃ ଖାଃ ଏ୦—୦—୩୫ଲୁ ଜମା ଟ୦।୬ ଅଃ ମୂଃ ଟ୪୯।

୪। ମୌଃ ଏକନ ନଂ୨୬୧ ଖାତା ଏ୦—୧୪ଲୁ ଜମା ଟ୦୧।୩ ଅଃ ମୂଃ ଟ୨୯।

୫। ମୌଃ ଏକନ ନଂ୨୬୨ ଖାତା ସ୍ଥିତି ଏ୦—୩ଲୁ ଜମା ଟ୦/ ମଧ୍ୟରୁ ଦେଃ ଖାଃ ଏ୦—୨—୨୫ଲୁ ଜମା ଟ୦/୩ ଅଃ ମୂଃ ଟ୨୯।

୬। ମୌଃ ଏକନ ନଂ୩୬୨ ଖାତା ସ୍ଥିତିବାନ ଏ୦—୦୯ଲୁ ଜମା ଟ୦।୩ ମଧ୍ୟରୁ ଦେଃ ଖାଃ ଏ୦—୦୫ ମଧ୍ୟରୁ ଏ୦—୩—୬୫ ଜମା ଟ୦।୫ ଅଃ ମୂଃ ଟ୩୯।

୭। ମୌଃ ଏକନ ନଂ୩୩୫ ଖାତା ଭାଃ, ଏ୫—୯୩ଲୁ ଜମା ଟ୨୧।୬ ମଧ୍ୟରୁ ଦେଃ ଦଖଲ ଏ୧—୮—୨ ଜମା ଟ୬୫।୪ଲୁ ଅଃ ମୂଃ ଟ୯୦୯।

ନଂ ୨୪ ମୂଳ ଜାରି ସନ ୧୯୩୩ ମସିହା

କୈନ୍ଦ୍ରାପଡ଼ା ମୁନସଫି ଅଦାଲତ

ବୃନ୍ଦାବନ ଦାସ ଶ୍ରେଷ୍ଠ — ଡିଃ

କୃଷ୍ଣଚନ୍ଦ୍ର ନାଏକ — ଦେଃ

ଡିକ୍ରୀଦାର ପାଉଣା ଟଙ୍କା ଅଦାୟ ନିମନ୍ତେ ନିମ୍ନଲିଖିତ ସମ୍ପତ୍ତି ତା ୧୫।୫।୩୩ ରିଖରେ ନିଲାମ ହେବ।

୧। କଟକ ଜିଃ ଅନ୍ତର୍ଗତ କେନ୍ଦ୍ରାପଡ଼ା ସଃ ଦେଃ ଓ ଉକ୍ତ ପୁଲିସ ଇଲାକାର ପ୍ରଃ ରମିତୋ ନଂ ୧୪ ତଃ ମୌଃ କୃଷ୍ଣପୁର ରକବାରେଥିବା ଅନ୍ୟ ସତ୍ତ୍ୱକାର ନାମସାମିଲ ଦେଣଦାର ପିତା ଓ ଖୁଡ଼ୁତା ନାମରେ କବୋଲତି ନଂ ୧୬୬ ଖାତା ଭାଃ ସ୍ଥିତିବାନ ଏ୧—୭୦ ମଧ୍ୟରୁ ଦେଣଦାରର ଓ ତାହାର ଖୁଡ଼ୁତାର ଦଖଲ ମୋଟ ଭାଃ ଏ୦—୩୬ଲୁ ଜମା ଟ୧୩/ ଅଟେ ତାହା ନିଲାମ ହେବ ଅଃ ମୂଲ୍ୟ ଟ୧୪୯।

୨। ପ୍ରଃ ରମିତୋ ମୌଃ ଉକ୍ତ ରକବାରେ ଥିବା ଉକ୍ତ ମତେ କବୋଲତି ନଂ ୧୪୪ ଖାତା ଭାଃ ଶରହଦ ତଲସ୍ଥାନ ଜମିର ଏ୦—୫୦ ମଧ୍ୟରୁ ଦେଣଦାର ଓ ତାହାର ଖୁଡ଼ୁତାର ଦଖଲ ମୋଟ ଭାଃ ଏ୦—୧୬ ଜମି ଏ ମୋକଦ୍ଦମାରେ ନିଲାମ ହେବ ଅଃ ମୂଃ ଟ୫୯।

୩। ଉକ୍ତ ମଉଜାରେଥିବା ଉକ୍ତ ମତେ କବୋଲତି ନଂ ୧୪୫ ଖାତା ଭାଃ ଶରହଦ ତଲସ୍ଥାନ ଜମିର ଏ୦—୫୪ ଡିଃ ମଧ୍ୟରୁ ଦେଣଦାର ଓ ତାହାର ଖୁଡ଼ୁତାର ଦଖଲ ମୋଟ ଭାଃ ଏ୦-୩୬ ଡିଃ ଜମି ଓ ତଦସ୍ଥିତ ଦାନ୍ଧ ଘର ଛପର କବାଟ ଝରକାଠ ସବୁ ବୃକ୍ଷାଦି ସହିତ ନିଲାମ ହେବ ଅଃ ମୂଃ ଟ୩୫୯।

୪। ଉକ୍ତ ମଉଜାରେଥିବା ଦେଣଦାରର ପିତା ଓ ଖୁଡ଼ୁତା ନାମରେ କବୋଲତି ନଂ ୧୪୧ ଖାତା ଭାଃ ସ୍ଥିତିବାନ ଏ୨—୧୩ ଜମା ଟ୫।୪ ଅଟେ ତାହା ନିଲାମ ହେବ ଅଃ ମୂଃ ଟ୪୨୯।

୫। ଉକ୍ତ ମଉଜାରେଥିବା ଅନ୍ୟ ସତ୍ତ୍ୱକାର ନାମସାମିଲ ଦେଣଦାରର ପିତା ଓ ଖୁଡ଼ୁତା ନାମରେ କବୋଲତି ନଂ ୧୪୨ ମୂଳ ଖାତା ଭାଃ ସ୍ଥିତିବାନ ଏ୦—୫୯ ଜମା ଟ୧।୬ ଅଟେ ତହିଁ ମଧ୍ୟରୁ ଦେଣଦାର ଓ ତାହାର ଖୁଡ଼ୁତାର ଦଖଲ ମୋଟ ଭାଃ ଏ୦—୨୦ ଡିଃଲୁ ଜମା ଟ୦୫ ଅଟେ ତାହା ନିଲାମ ହେବ ଅଃ ମୂଃ ଟ୫୯।

୬। ଉକ୍ତ ମଉଜାରେଥିବା ଉକ୍ତ ମତେ କବୋଲତି ନଂ ୧୪୩ ଖାତା ଭାଃ ସ୍ଥିତିବାନ ଏ୨—୭୮ ଡିଃ ମଧ୍ୟରୁ ଦେଣଦାର ଓ ତାହାର ଖୁଡ଼ୁତା ନାମର ଦଖଲ ମୋଟ ଭାଃ ଏ୦—୧୨—୧୫ଲୁ ଜମା ଟ୭୫ ଅଟେ ତାହା ଓ ତଦସ୍ଥିତ ଦେଣଦାରଙ୍କ ବସୁବାସ ଘର ଛପର କବାଟ ଓ ବୃକ୍ଷାଦି ସହିତ ନିଲାମ ହେବ ତହିଁର ଅନୁମାନିକ ମୂଲ୍ୟ ଟ୫୦୯।

୭। ଉକ୍ତ ମୌଜାରେଥିବା ଉକ୍ତ ମତେ କବୋଲତି ନଂ ୧୪୬ ଖାତା ଭାଃ ଶରହଦ ତଲସ୍ଥାନ ଜମିର ଏ୦—୧୬ ଡିଃ ମଧ୍ୟରୁ ଦେଣଦାର ଓ ତାହାର ଖୁଡ଼ୁତା ଭ୍ରାତା ନାଏକର ଦଖଲ ମୋଟ ଭାଃ ଏ୦—୦୯ ଡିଃ ଜମି ନିଲାମ ହେବ ଅଃ ମୂଃ ଟ୩୯।

୮। ଉକ୍ତ ମୌଜାରେଥିବା ଉକ୍ତ ମତେ କବୋଲତି ନଂ୧୪୭ ଖାତା ଭାଃ କୃଷ୍ଣଭୋଗ ସ୍ଥିତିବାନ ତଲସ୍ଥାନ ଜମିର ଏ୪—୧୫ ଡିଃ ମଧ୍ୟରୁ ଦେଣଦାର ଓ ତାହାର ଖୁଡ଼ୁତା ଭ୍ରାତା ନାଏକର ଦଖଲ ମୋଟ ଭାଃ ଏ୧-୩୬ ଡିଃ ଜମି ନିଲାମ ହେବ ଅଃ ମୂଃ ଟ୪୦୯।

୯। ଉକ୍ତ ମୌଜାରେଥିବା ଉକ୍ତ ମତେ କବୋଲତି ନଂ ୧୪୮ ଖାତା ଭାଃ ସ୍ଥିତି ଏ୧-୧୪ ଡିଃଲୁ ଜମା ଟ୩।୯ ଅଟେ ତହିଁ ମଧ୍ୟରୁ ଦେଣଦାର ଓ ତାହାର ଖୁଡ଼ୁତା ଭ୍ରାତା ନାଏକର ଦଖଲ ମୋଟ ମୁଃ ଏ୦—୩୩-୫ଲୁ ମଟୋଟ ଜମା ଟ୧/୩ ଅଟେ ତାହା ଏ ମୋକଦ୍ଦମାରେ ନିଲାମ ହେବ ଅଃ ମୂଃ ଟ୬୯।

୧୦। ଉକ୍ତ ମୌଜାରେଥିବା ନଂ୩୨୯ ଖାତା ସ୍ଥିତି ଏ୦—୫୫ ଡିଃ ଜମିରୁ ଜମା ଟ୧୬।୪୩ ମଧ୍ୟରୁ ଦେଣଦାର ପିତା ଗୋବିନ୍ଦ ନାଏକର ଶରହଦ ଏ୦—୨୭ ଡିଃଲୁ ମଟୋଟ ଜମା ଟ୦୫/ ନିଲାମ ହେବ ଅଃ ମୂଃ ଟ୫୯।

୧୧। ଉକ୍ତ ମୌଜାରେଥିବା ନଂ ୩୩୩ ଖାତା ଭାଃ ସ୍ଥିତି ଏ୦—୩୦ ଡିଃ ଜମିରୁ ଜମା ଟ୦୫/୬ ଅଟେ ତାହା ଦେଣଦାରର ପିତା ଗୋବିନ୍ଦ ନାଏକର ଶରହଦ ଓ ଦେଣଦାରର ଭୋଗଦଖଲ ଥିବାରୁ ତାହା ନିଲାମ ହେବ ଅଃ ମୂଃ ଟ୬୯।

୧୨। ଉକ୍ତ ମୌଜାରେଥିବା ନଂ ୩୩୪ ଖାତା ଭାଃ ଏ୦—୫୦ ଡିଃ ଜମିରୁ ଜମା ଟ୧/୬ ଅଟେ ଉକ୍ତ ଜମି ଦେଣଦାରର ପିତା ଗୋବିନ୍ଦ ନାଏକର ଶରହଦ ଓ ଦେଣଦାରର ଭୋଗ ଦଖଲ ଥିବାରୁ ତାହା ନିଲାମ ହେବ ଅନୁମାନିକ ମୂଲ୍ୟ ଟ୧୦୯।

ନଂ ୨୩୫ ମୂଳ ଜାରୀ ସନ ୧୯୩୨ ମସିହା

ଇଃ ପ୍ରଥମ ମୁଃ

ଅନନ୍ତ ଚରଣ ମହାନ୍ତି — ଡିଃ ଦାର

କାଶି ବିସ୍ୱାଳ ଓଗୈରେ — ଦେଃ ଦାର

ଏ ମକଦ୍ଦମାରେ ନିମ୍ନଲିଖିତ ସମ୍ପତ୍ତିମାନ ତା୧୫।୫।୩୩ ରିଖରେ ଅଙ୍କ କଚେରୀ ମୁଃରେ ନିଲାମ ହେବ।

୧। ଜିଃ କଟକ ପୋଃ ସଃ କଟକ ପ୍ରଃ ଦାଶ-ସ୍ୱାମୀ ନଂ୨୪୯୯ ତଃ ମୌଃ ଖଣ୍ଡିତାଦର ନଂ୩୨୪ ଖାତା ଦେଃ ଙ୍କ ପିତାଙ୍କ ନାମର ସାଦ୍ଧ ସ୍ଥିତିବାନ ଏ୧—୪୫ଲୁ ଜମା ଟ୭।୪ ମଧ୍ୟରୁ ଦେଃ ମାନଙ୍କ ଖାଃ ଏ୧—୧୯ ଜମା ଟ୫/୬ ଅଟେ ଉକ୍ତ ବୃତ୍ତି ଓ ତଦସ୍ଥିତ ସର୍ବପ୍ରକାର ସବୁ ନିଲାମ ହେବ ଅଃ ମୂଃ ଟ୮୦୯।

Digitized by srujanika@gmail.com

ନ ୧୩୩୩ ଜାରି ସନ ୧୯୩୨ ମସିହା
ଇଃ ୨ୟ ମୁନସଫ କୋର୍ଟ କଟକ
ବଇ ଦାସ — ଜାରୀ ଡ଼ିଃ
କୃଷ୍ଣଚନ୍ଦ୍ର ଓଗେର — ଦେଣଦାରମାନେ

କଃ କଟକ ଥାଃ ଇଃ ଓ ସଃ ରେଃ ମୁଃ ଶାଳେପୁର ପ୍ରଃ କୁଞ୍ଜପଣ୍ଡଳ ମୌଃ ଭଗଲପୁର ରହଥିବା ଦେଃ ମାନଙ୍କ ନାମରେ ନ ୨୧୭ ଖାତା ଖାଃ ସ୍ଥିଃ ଖାଃ ଜମି ଓ ଜମା ଟ ୦/୫ ଏ୦—୫୦—୭୧ କୁ ଜମା ଟ ୧୧/୭ ବୃତ୍ତି ତା ୧୩|୬|୩୩ ରଖରେ ନିଲାମ ହେବ ଅଃ ମୂଲ୍ୟ ଟ ୬୦୯ ଙ୍କା ।

———

ନ ୧୩୧୪ ଡ଼ିଃ ଜାରି ସନ ୧୯୩୨ ମସିହା
ଇଃ ୨ୟ ମୁନସଫି କୋର୍ଟ କଟକ
ବଇ ଦାସ — ଡିକ୍ରୀଦାର
ଭେମା ମହାନ୍ତି ଓଗେର — ଦେଃ ମାନେ

କଃ କଟକ ଥାଃ ଇଃ ଓ ସଃ ରେଃ ମୁଃ ଶାଳେପୁର ପ୍ରଃ କୁଞ୍ଜପଣ୍ଡଳ ନ ୪୯୨ ମୂଳ ଥାନା ମୌଃ ମଇଚେଣ୍ଡିଆପୁର ରହଥାଇ ଦେଣଦାର ମାନଙ୍କ ନାମରେ ଭ ୧୨୭ ମୂଳ ଖାତା ଖାଃ ସ୍ଥିଃ ଏ୦—୨୨ ଡ଼ିଃ କୁ ଜମା ଟ ୨/ ବୃତ୍ତି ତା ୧୫|୬|୩୩ ରଖରେ ନିଲାମ ହେବ ଅଃ ମୂଲ୍ୟ ଟ ୮୦୯

———

ନ ୧୩୬୩ ମୂଳ ଜାରି ସନ ୧୯୩୨ ମସିହା
ଇଃ ୨ୟ ମୁନସଫ କୋର୍ଟ କଟକ
ଶ୍ରୀ ସୁରେନ୍ଦ୍ରନାଥ ଠାକୁର ଓଗେର — ଡ଼ିଃ ମାନେ
ଭଗ୍ୟାନନ୍ଦ ପାଣିଗ୍ରାହି — ଦେଃ

୧ । ଜିଃ କଟକ ଥାଃ ଇଃ ଓ ସଃ ରେଃ ମୁଃ ଜଗତସିଂହପୁର ପ୍ରଃ ହରେକୃଷ୍ଣପୁର ମୌଃ ପଦ୍ମପୁର ଭ ୨୦ ମୂଳ ଥାନା ନ ୪୭ ମୂଳ ଖାତା ଖାଃ ପୂଃ ଦେଃ ନାମରେ ଏ୦—୧୪ ଡ଼ିଃ କୁ ଜମା ଟ ୦/ ବୃତ୍ତି ତା ୧୪|୬|୩୩ ରଖରେ ନିଲାମ ହେବ ଅଃ ମୂଲ୍ୟ ଟ ୨୦୦୯ ଙ୍କା ।

୨ । ଉକ୍ତ ଏଲକା ମୌଃ ଏଲକା ନ ୪୮ ମୂଳ ଖାତା ଖାଃ ସ୍ଥିଃ ଦେଃ ନାମରେ ଏ୦—୩୭ ଡ଼ିଃ କୁ ଜମା ଟ ୨୧୯ ବୃତ୍ତି ଉକ୍ତ ତାରିଖରେ ନିଲାମ ହେବ ଅଃ ମୂଃ ଟ ୧୪୦୯ ଙ୍କା ।

୩ । ଉକ୍ତ ଏଲକା ମୌଃ ଏଲକା ନ ୧୩୯ ଖାଃ ଦଃ [illegible] ଦେଣଦାର [illegible] ଏ୦—୦୨ ଡ଼ିଃ ବୃତ୍ତି ଓ ତତ୍ସଂଲଗ୍ନ ଭାଗ ଉପରସ୍ଥ ଘରଦ୍ୱାର ଭିତ୍ତିବାଡ଼ ଇତ୍ୟାଦି ଓଗେର ବୃକ୍ଷାଦି ସହିତ ଉକ୍ତ ତାରିଖରେ ନିଲାମ ହେବ ଅଃ ମୂଲ୍ୟ ଟ ୧୦୯ ଙ୍କା

———

ନ ୧୧୨୭ ଜାରି ସନ ୧୯୩୨ ମସିହା
ଇଃ ୨ୟ ମୁନସଫ କୋର୍ଟ କଟକ
ଶ୍ରୀମତୀ ଚନ୍ଦ୍ରକଳା ଦେଇ ଓଗେର — ଡ଼ିଃ ମାନେ
ଶ୍ରୀଧର ସ୍ୱାଇଁ — ଦେଃ ଦାର

୧ । ଜିଃ କଟକ ଥାଃ ଇଃ ଓ ସଃ ରେଃ ମୁଃ ଶାଳେପୁର ପ୍ରଃ ଶାଏନା ନ ୧୬୯ ମୂଳ ଥାନା ମୌଃ ଅବନ୍ତିଙ୍କ ଦ୍ୱାଃ ଖାଃ ମୁଃ ଦେଣଦାର ନାମରେ ଭ ୧୬୧ ଖାଃ ଖାଃ ସ୍ଥିଃ ବସ୍ତି ଦାଦ ଏ୦—୩୦ ଡ଼ିଃ କୁ ଜମା ଟ୧୯/୩ ବୃତ୍ତି ତା ୧୫|୬|୩୩ ରଖରେ ନିଲାମ ହେବ ଅଃ ମୂଃ ଟ ୩୦ ଙ୍କା

୨ । ଉକ୍ତ ଏଲକା ମୌଃ ଏଲକା ଦେଣଦାରଙ୍କ ସ୍ତ୍ରୀ ନାମରେ ଭ ୮୩ ଖାଃ ଖାଃ ସ୍ଥିଃ ଏ୦—୪୭ ଡ଼ିଃ କୁ ଜମା ଟ ୨/ ବୃତ୍ତି ଉକ୍ତ ତାରିଖରେ ନିଲାମ ହେବ ଅଃ ମୂଃ ଟ ୪୭୯ ଙ୍କା ।

———

୩ । ଉକ୍ତ ଏଲକା ମୌଃ ଏଲକା ଦେଃ ନାମରେ ଭ ୧୬୩ ମୂଳ ଖାତା ଖାଃ ସ୍ଥିଃ ଏ୦—୧୫ ଡ଼ିଃ କୁ ଜମା ଟ ୦ ୩ ବୃତ୍ତି ଉକ୍ତ ତାରିଖରେ ନିଲାମ ହେବ ଅଃ ମୂଃ ଟ ୧୫୯ ଙ୍କା

———

ନ ୨୩୧ ମୂଳ ଜାରି — ସନ ୧୯୩୩ ମସିହା
ଜିଃ କଟକ ହେଡ଼ କ୍ୱାର୍ଟର ମୁଃ ମୁନସଫି ଅଦାଲତ
ଧର୍ମୀର ଚନ୍ଦ୍ର ଦାସ — ଡ଼ିଃ
ମୁକ୍ତା ଦାସ — ଦେଃ

ଧାର୍ଯ୍ୟ ତା ୧୩|୬|୩୩ ମସିହା

୧ । କଟକ ଜିଃ ଅନ୍ତର୍ଗତ କେନ୍ଦ୍ରାପଡ଼ା ସଃ ରେଃ ଓ ଉକ୍ତ ମୁନସଫି ଇଲାକାର ପ୍ରଃ ଖଳଣ ନ ୧୧୪ ଜଃ ମୌଃ କୁରୁଡ଼ୁଣ୍ଡା ରହିଥାଇଥିବା ନ ୩୨୦ ଖାତା ଖାଃ ମେଟ ଏ୦—୭୪ ଡ଼ିସିମିଲ ସ୍ଥିତିବାନ ରୟତ ଜମିରୁ ଜମା ଟ ୩/ ଅଟେ ଉକ୍ତ ଜମିରେ ଶ୍ରୀଧର ଦାସ ଓଗେରଙ୍କ ଅଂଶ ଖାଃ ବାଦ ଦେଃ ର ଅଂଶ ଖାଃ ଟ ୦ ୩୬ ପାଇକୁ ଏ୦—୧୨—୨ ଲିଙ୍କରୁ ଜମା ଟ ୦ ୩୪ ପାଇ ଅଟେ ଉକ୍ତ ଜମି ଏମୋକଦ୍ଦମାରେ କ୍ରୋକ ନିଲାମ ହେବ ଉହାର ଅନୁମାନିକ ମୂଲ୍ୟ ଟ ୮୯ ଅଟେ

୨ । ଅତ୍ର ଅଦାଲତ ଇଲାକାଧୀନ ପ୍ରଃ ଖଳଣ ନ ୧୪୭୯ ଜଃ ଜାଃ କଣ୍ଟେଇପୋଖରୀ ମୌଃ ଅଙ୍ଗଲାଇ ରହିଥାଇଥିବା ଦେଣଦାର ନାମଯାମିଲ ଶ୍ରୀଧର ଦାସ ନାମରେ ଗଇ ବନ୍ଦୋବସ୍ତି ନ ୩୪୯ ଖାତା ଖାଃ ମୋଟ ଏ୦—୩୦ ଡ଼ିଃ ସ୍ଥିତିବାନ ଜମିରୁ ଜମା ଟ ୧୩/ ଅଟେ ଉକ୍ତ ଜମି ମଧ୍ୟରୁ ଶ୍ରୀଧର ଦାସ ଓଗେରଙ୍କ ଅଂଶ ଖାଃ ବାଦ ଦେଣଦାରର ଅଂଶ ଠିକ୍ କଲେ ଅନୁସାରେ ଏ୦—୨ ଲିଙ୍କରୁ ଜମା ଟ୦/ ଅଟେ ଉକ୍ତ ଜମି ଏ ମୋକଦ୍ଦମାରେ କ୍ରୋକ ନିଲାମ ହେବ ଉହାର ଅନୁମାନିକ ମୂଲ୍ୟ ଟ ୩୯ ଅଟେ

୩ । ଅତ୍ର ଅଦାଲତ ଇଲାକାଧୀନ ପଟ୍ଟାମୁଣ୍ଡାଇ ସଃ ରେଃ ଓ ଉକ୍ତ ମୁନସଫି ଇଲାକାର ପ୍ରଃ କୁଲଖଣ୍ଡ ନ ୧୮୭୮ ଜଃ ଜାଃ ପଟ୍ଟାମୁଣ୍ଡାଇ ମୌଃ ବଡ଼ଦେଉ ରହିଥାଇଥିବା ଦେଣଦାର ନାମଯାମିଲ ଶ୍ରୀଧର ଦାସ ନାମରେ ଗଇ ବନ୍ଦୋବସ୍ତି ନ ୭୨ ଖାତା ଖାଃ ମୋଟ ଏ୦—୮୭ ଡ଼ିଃ ସ୍ଥିତିବାନ ଜମିରୁ ଜମା ଟ ୭। ଅଟେ ଉକ୍ତ ଜମି ମଧ୍ୟରୁ ମଧୁ ଦାସ ଓ ରଘୁଦାସଙ୍କର ଅଂଶ ଖାଃ ଟ ୦୩ ବାଦ ଶ୍ରୀଧର ଦାସ ଓ ମୁକ୍ତାଦାସ ଓ ନଳା ଦାସ ଓ ରଘୁ ଦାସ ଓ ଧାଣି ଦାସ ମାନଙ୍କର ଅଂଶ ଖାଃ ଟ୦/୮ ପାଇକୁ ଏ୦—୯—୩ ଲିଙ୍କରୁ ଜମା ଟ ୦୩/୧ ପାଇ ଅଟେ ଉକ୍ତ ଜମି ଓ ତତ୍ସଂଲଗ୍ନ ଭିଟା ଉପରସ୍ଥ ବାଗିଚା ଓ ଉହାରେ ଲାଗିଥିବା ତତ୍ସଂଲଗ୍ନ ଭିଟାବାଡ଼ି ଉପର ପରିଷ୍କାର ସହିତ ଏମୋକଦ୍ଦମାରେ କ୍ରୋକ ନିଲାମ ହେବ ଉହାର ଅଃ ମୂଲ୍ୟ ଟ ୧୪୯ ଅଟେ

୪ । ଅତ୍ର ଅଦାଲତ ଇଲାକାଧୀନ ପ୍ରଃ ଖଳଣ ନ ୧୮୭୮ ଜଃ ମୌଃ ବଡ଼ଉ ରହିଥାଇଥିବା ଦେଣଦାର ନାମଯାମିଲ ଶ୍ରୀଧର ଦାସ ନାମରେ ବନ୍ଦୋବସ୍ତି ନ ୬୩ ଖାତା ଖାଃ ଏ୦—୧୩ ଡ଼ିଃକୁ ଜମା ଟ ୧/ ମଧ୍ୟରୁ ଅନ୍ୟାନ୍ୟ ହିସ୍ସାଦାର ଲକ୍ଷ୍ମୀଦାସ ଓ ରଘୁ ଦାସଙ୍କର ଅଂଶ ଖାଃ ଟ ୦/୪ ପାଇ ବାଦ ଦେଣଦାର ଓ ଶ୍ରୀଧର ଦାସ ଓଗେରଙ୍କର ଅଂଶ ବାଃ ଏ୦—୮—୭ ଲିଙ୍କ ମଧ୍ୟରୁ ଦେଣଦାରର ଅଂଶ ଖାଃ ବାଦ ଏ୦—୨—୮ କୁ ଜମା ଟ ୦|୧୦ ପାଇ ଅଟେ ଉକ୍ତ ଜମି ଓ ତତ୍ସଂଲଗ୍ନ ଭିଟା ଉପରସ୍ଥ ବାଗିଚା ଓ ଉହାରେ ଲାଗିଥିବା ତତ୍ସଂଲଗ୍ନ ଭିଟାବାଡ଼ି ଉପର ପରିଷ୍କାର ସହିତ ଏମୋକଦ୍ଦମାରେ କ୍ରୋକ ନିଲାମ ହେବ ଉହାର ଅଃ ମୂଲ୍ୟ ଟ ୧୦୯ ଅଟେ

୫ । ଅତ୍ର ଅଦାଲତ ଇଲାକାଧୀନ ପ୍ରଃ ଖଳଣ ନ ୧୪୭୯ ଜଃ ଜାଃ କଣ୍ଟେଇପୋଖରୀ ମୌଃ ଅଙ୍ଗଲାଇ ରହିଥାଇଥିବା ଦେଣଦାର ନାମଯାମିଲ [illegible] ଦାସ ଓ ଲଲା ଦାସ ଓ କଣ୍ଠା ଦାସ ଓ ରଘୁ ଦାସ ନାମରେ ଗଇ ବନ୍ଦୋବସ୍ତି ଭ ୭୨ ଖାତା ଖାଃ ମୋଟ ଏ୦—୩୩ ଡ଼ିଃ ସ୍ଥିତିବାନ ରୟତ ଜମିରୁ ଜମା ଟ ୨୩ ଅଟେ ଉକ୍ତ ଜମିରେ ଅନ୍ୟ ହିସ୍ସାଦାର ରଘୁ ଦାସ ଓ କଣ୍ଠା ଦାସ ଓଗେରଙ୍କ ଅଂଶ ଖାଃ ବାଦ ଦେଣଦାର ଓ ଶ୍ରୀଧର ଦାସ ଓ ଲଲାଦାସଙ୍କର ଅଂଶ ଖାଃ ଠିକ କଲେ ଅନୁସାରେ ଏ୪—୩୪ ଡ଼ିଃ ମଧ୍ୟରୁ ଦେଣଦାରର ଅଂଶ ଏ୧-୧୧-୩ / ୭୧୨ ଟାରକୁ ଜମା ଟ ୨୩/୧ ପାଇ ଅଟେ ଉକ୍ତ ଜମି ଏ ମୋକଦ୍ଦମାରେ କ୍ରୋକ ନିଲାମ ହେବ ଉହାର ଅଃ ମୂଃ ଟ ୫୦୯ ଅଟେ

———

ନ ୯୯୫ ମୂଳ ଡିକ୍ରୀଜାରି — ସନ ୧୯୩୨ ମସିହା
ଇଃ ଦ୍ୱିତୀୟ ମୁନସଫ
ଶ୍ରୀ ବାବୁ ଅଯୁତ କୁମାର ଘୋଷ ଏଡମିନିଷ୍ଟ୍ରେଟର
ଇଷ୍ଟେଟ ୯ ନନ୍ଦକୁମାର ଘୋଷ — ଡ଼ିଃ
ଗଙ୍ଗାଧର ଭୂୟାଁ ଓଗେର ଗ୍ରାଃ ଚନ୍ଦ୍ରଦେଇପୁର ପ୍ରଃ ସରସ୍ପୁର — ଦେଃ ମାନେ

ନିଲାମ ତା ୧୫|୬|୩୩

ଯେହେତୁ ଅମ୍ଭେ ତାଙ୍କର ଡିକ୍ରୀ ଓଗେର ଟଙ୍କା ଆଦାୟ ସକାଶେ ୧ । କଟକ ଜିଃ ଅନ୍ତର୍ଗତ ପୁଣିଣ ଷ୍ଟେସନ ଓ ରେଃ ମୁଃ ଶାଳେପୁର ଇଲାକାଧୀନ ପ୍ରଃ ସରସ୍ପୁର ନ ୫୪୨୮ ଜଃ ମୌଃ ଚନ୍ଦ୍ରଦେଇପୁର ରହିଥାଇଥିବା ଦେଃ ମାନଙ୍କର ମୃତ ପିତା ବଳୋଦ ଭୂୟାଁଙ୍କ ନାମରେ ଭ ୫୨୭ ଖାତା ସ୍ଥିତିବାନ ଭ ୨୪୭୮ ଖସଡ଼ା ଏ୦-୫୨୧ ଡ଼ିଃକୁ ଜମା ଟ ୧୩/ ଅଟେ ଉକ୍ତ ଜମିରେ ଓ ଉହାରେ ଲାଗିଥିବା ସକଳ ପ୍ରକାର ଯାବତୀୟ ସତ୍ତ୍ୱ ଏମୋକଦ୍ଦମାରେ ନିଲାମ ହେବ ଉହାର ଅନୁମାନିକ ମୂଲ୍ୟ ଟ ୨୬୯

୨ । କଟକ ଜିଃ ଅନ୍ତର୍ଗତ ପୁଣିଣ ଷ୍ଟେସନ ଓ ସଃ ରେଃ ମୁଃ ଶାଳେପୁର ଇଲାକାଧୀନ ପ୍ରଃ ସରସ୍ପୁର ନ ୫୪୨୮ ଜଃ ମୌଃ ଚନ୍ଦ୍ରଦେଇପୁର ରହିଥାଇଥିବା ଦେଣଦାର ମାନଙ୍କର ନ ୫୨୯ ଖାତା ସ୍ଥିତିବାନ ଏ୦—୨୮୭ ଡ଼ିଃକୁ ଆଦାୟ ଜମା ଟ ୨/ ଅଟେ ତାହା ଓ ଉହାରେ ଲାଗିଥିବା ସକଳ ପ୍ରକାର ସତ୍ତ୍ୱ ସହିତ ଏ ମୋକଦ୍ଦମାରେ ନିଲାମ ହେବ ଉହାର ଅଃ ମୂଃ ଟ ୩୪୯

୩ । କଟକ ଜିଃ ଅନ୍ତର୍ଗତ ପୁଣିଣ ଷ୍ଟେସନ ଓ ସଃ ରେଃ ମୁଃ ଶାଳେପୁର ଇଲାକାଧୀନ ପ୍ରଃ ସରସ୍ପୁର ତାଃ ଗୁରୁବୋଉଳପୁର ମୌଃ ଚାନ୍ଦପାଡ଼ା ରହିଥାଇଥିବା ଦେଣଦାର ମାନଙ୍କର ପିତା ବଳୋଦ ଭୂୟାଁ ନାମରେ ବନ୍ଦୋବସ୍ତି ସ୍ଥିତିବାନ ନ ୧୧୨ ମୂଳ ଖାତା ଖାଃ ଏ୦—୭୭୦ ଡ଼ିଃକୁ ଜମା ଟ ୧୩/ ମଧ୍ୟରୁ ଦେଃ ଦେଣଦାର ଖାଃ ଏ୦—୧୩୪ ଡ଼ିଃକୁ ଜମା ଟ୦/୬୩ ବାଦ ବାକି [illegible] ନ ୫ ଦେଣଦାରମାନଙ୍କର ଦଖଲ ନ ୪୯୮ ଖସଡ଼ା ଯାହା ଏ୦—୦୩୭ ଡ଼ିଃକୁ ଘଟେଇ ଜମା ଟ ୧୧୫୪ ଅଟେ ତାହା ଏମୋକଦ୍ଦମାରେ ନିଲାମ ହେବ ଉହାର ଅଃ ମୂଃ ଟ ୫୦୯

———



Digitized by srujanika@gmail.com

Split by PDF Splitter

# ଗାନ୍ଧି ମୁକ୍ତିରେ

## ବିଲାତରେ ସମସ୍ତେ ଖୁସି

ଲଣ୍ଡନ ୭। ୫।୩୩

ବିଲାତର ରକ୍ଷଣଶୀଳ ଦଳର ପ୍ରଧାନ ପ୍ରଧାନ ନେତାମାନେ ମହାତ୍ମାଗାନ୍ଧିଙ୍କ ମୁକ୍ତିରେ ଆନନ୍ଦିତ ହୋଇ ସରକାରଙ୍କ କାର୍ଯ୍ୟକୁ ପ୍ରଶଂସା କରୁଅଛନ୍ତି। ଏଠାର କାଗଜମାନ ମଧ୍ୟ ଏହିବିଷୟରେ ଆନନ୍ଦ ପ୍ରକାଶ କରୁଅଛନ୍ତି।

ମର୍ଣ୍ଣିଂପୋଷ୍ଟ କାଗଜ ଲେଖିଅଛନ୍ତି। "ମହାତ୍ମାଗାନ୍ଧିଙ୍କି ମଇମାସ ୮ ତାରିଖରେ ଖଲାସ କରିଛନ୍ତି ଆଉ ଠିକ ସେହିଦିନ ସେହି ସମୟରେ କଂଗ୍ରେସର ଅନ୍ୟ ଏକ ନେତା ମିଃ ଜମ୍ନାଲାଲ ବଜାଜ ଙ୍କୁ ଧରିନେଇଛନ୍ତି। ଏଥିରୁ ସରକାରଙ୍କର ମନୋଭାବ ସ୍ପଷ୍ଟ ବୁଝାଯାଉଛି। ସରକାର ମହାତ୍ମାଙ୍କୁ ଖଲାସ କରିଦେଲେ ବୋଲି କେହି ଯେପରି ନ ବୁଝନ୍ତି ଯେ କଂଗ୍ରେସ ପ୍ରତି ସେମାନଙ୍କର ପୂର୍ବଭାବର ପରିବର୍ତ୍ତନ ହୋଇଛି। ଆଇନ ଅମାନ୍ୟ ଆନ୍ଦୋଳନ ଏକାବେଳେ ବନ୍ଦ ନହେଲେ ସରକାର କଂଗ୍ରେସ ସହିତ କୌଣସି ପ୍ରକାର ମିଳାମିଶାର ବ୍ୟବସ୍ଥା କରିବେ ନାହିଁ।

ମାଞ୍ଚେଷ୍ଟର ଗାର୍ଡ଼ିଆନ ଲେଖିଛନ୍ତି। "ମହାତ୍ମାଗାନ୍ଧି ସରକାରଙ୍କୁ ମିଳାମିଶା କରିବାପାଇଁ କୋଟାଏ ମହତ ସୁଯୋଗ ଦେଇଛନ୍ତି। ଆଶାକରୁ ସରକାର ଏ ସୁଯୋଗ ହରାଇବେ ନାହିଁ।

---

## ନିଖିଳଉତ୍କଳ ଯୁବ ସମ୍ମିଳନୀ ତାରିଖ ବଦଳିଲା

ନିଖିଳଉତ୍କଳ ଯୁବ ସମ୍ମିଳନୀର ୧୩। ୧୪ ତାରିଖରେ ପୁରୀରେ ହେବାର ଥିଲା। କିନ୍ତୁ ଏହି ଦେଇଁ ୧୩।୧୪ ରେ ହେବାର ନହେଲା। ପୁଣି କେବେ ହେବ ଜଣାଯାଇ ନାହିଁ।

—o—

## ସୁଭାଷଚନ୍ଦ୍ର ଏବଂ ମାନ୍ୟବର ପଟେଲ ଭିଏନାରୁ ଭାଷିଲେ

### ଗାନ୍ଧିଜୀଙ୍କ କାର୍ଯ୍ୟକୁ ନାପସନ୍ଦ

ମାନ୍ୟବର ବିଠଲଭାଇ ପଟେଲ ଏବଂ ବଙ୍ଗନେତା ଶ୍ରୀ ସୁଭାଷଚନ୍ଦ୍ର ବୋଷ ଚିକିତ୍ସା ନିମନ୍ତେ ଅଷ୍ଟ୍ରିଆର ଭିଏନା ସହରରେ ଅବସ୍ଥାନ କରୁଛନ୍ତି। ମହାତ୍ମାଙ୍କ ମୁକ୍ତି ଏବଂ ମୁକ୍ତିପର ଆଇନ ଅମାନ୍ୟ ଆନ୍ଦୋଳନ ବର୍ତ୍ତମାନ ପାଇଁ ସ୍ଥଗିତ ରଖିବା ବିଷୟରେ ସେମାନେ ଯୁଗ୍ମ ଏକ ଇସ୍ତାହାର ପ୍ରକାଶ କରିଛନ୍ତି। ଇସ୍ତାହାରରେ ଲେଖିଛନ୍ତି ଯେ "ଗାନ୍ଧିଜୀ ଆଇନଅମାନ୍ୟ ଆନ୍ଦୋଳନ ବନ୍ଦ କରାଇ ପରାଜୟ ସ୍ୱୀକାର କରିଛନ୍ତି। ଗାନ୍ଧିଜୀ ରାଜନୈତିକ ନେତା ଭାବରେ ଅକୃତକାର୍ଯ୍ୟ ହୋଇଛନ୍ତି। ଏ ବିଷୟରେ ଆମ୍ଭେ ଦୁହେଁ ଦୃଢ଼ମତ, ବର୍ତ୍ତମାନ ଆଉ ଜଣେ ନୂଆ ନେତା ଦରକାର ଯେଉଁ ନୂଆ ନୀତି ଓ ନୂଆ ଉପାୟ ଅବଲମ୍ବନରେ କଂଗ୍ରେସକୁ ନୂଆ ପନ୍ଥାରେ ଚଳାଇ ପାରିବେ। ଗାନ୍ଧିଜୀଙ୍କ ଅହିଂସନୀତି ଶିକ୍ଷା ଏବଂ ନୀତି ସହିତ କଂଗ୍ରେସ ଗାନ୍ଧିଜୀଙ୍କ ଆଉ ମେଳ ଖାଉନାହିଁ। କଂଗ୍ରେସ ନୂଆ ଭାବରେ ଗଢ଼ା ନ ହେଲେ କଂଗ୍ରେସ ମଧ୍ୟରେ ଆଉ ଏକ ନୂତନଦଳ ଗଢ଼ିବାକୁ ହେବ।

---

# ଶ୍ରୀଯୁକ୍ତ ଦୌଲତରାମ ବନ୍ଦି

୮।୫।୩୩

କଂଗ୍ରେସ ନେତା ଶ୍ରୀଯୁକ୍ତ ଜୟରାମ ଦାସ ଦୌଲତ ରାମ ଆଜ ବୋମ୍ବେରେ ବନ୍ଦ ହୋଇଛନ୍ତି। ସେ କଂଗ୍ରେସ କାର୍ଯ୍ୟକରୁଥିବାରୁ ପୁଲିସ ତାଙ୍କୁ ବନ୍ଦକରିଛନ୍ତି।

---

## ବେହାର ସରକାରଙ୍କର ନବନିଯୁକ୍ତ ମନ୍ତ୍ରୀ

### କାର୍ଯ୍ୟଭାର ଗ୍ରହଣ କଲେ

ସାର ଫକରୁଦ୍ଦିନଙ୍କ ସ୍ଥାନରେ ନିଯୁକ୍ତ ହୋଇଥିବା ନୂଆ ମନ୍ତ୍ରୀ ଖାଁ ବାହାଦୁର ସୈଦ ମହମ୍ମଦ ହୋସେନ ଶିକ୍ଷା ବିଭାଗର ମନ୍ତ୍ରୀ ନିଯୁକ୍ତ ହୋଇ କାର୍ଯ୍ୟଭାର ଗ୍ରହଣ କଲେ। ପ୍ରାଦେଶିକ ଲାଟଙ୍କ ସମକ୍ଷରେ ସେ ଶପଥ ଗ୍ରହଣ କରିଥିଲେ।

---

## ମହାତ୍ମାଗାନ୍ଧିଙ୍କର ମୁକ୍ତିସମ୍ପର୍କରେ ଇସ୍ତାହାର

ସିମଲା ୮।୫।୩୩

ଭାରତ ସରକାର ନିମ୍ନଲିଖିତ ଇସ୍ତାହାର ପ୍ରକାଶ କରୁଅଛନ୍ତି ଯେ ପହିଲାରେ ମହାତ୍ମାଗାନ୍ଧି ଭାରତୀୟ ସରକାରଙ୍କୁ ଜଣାଇଲେ ଯେ ସେ ଅନସନ ବ୍ରତ ଗ୍ରହଣ କରିବେ। ମୁଁ ଏ ଅନସନ ସହିତ ସରକାରଙ୍କର କୌଣସି ସମ୍ପର୍କ ନାହିଁ। ଏହା କେବଳ ହରିଜନ ଆନ୍ଦୋଳନ ନିମନ୍ତେ ଏବଂ ତାଙ୍କର ଅନ୍ତରର ଆଦେଶ ପାଇଁ ସେ ସ୍ଥିର କରିଅଛନ୍ତି ଯେ ସେ ବିନା ସର୍ତ୍ତରେ ଏବଂ ଅପରିହାର୍ଯ୍ୟ ଭାବରେ ଏକୋଇଶ ଦିନ ବ୍ୟାପୀ ଅନସନ କରିବେ। ଏହା ମେ ୮ ତାରିଖରେ ଆରମ୍ଭ ହୋଇ ୨୯ ତାରିଖରେ ଶେଷ ହେବ, ମହାତ୍ମାଜୀ ଲେଖି ଅଛନ୍ତି ଯେ ମୁଁ ଏ ଉପବାସ ମେ ପହିଲାଠାରୁ ଆରମ୍ଭ କରିଥାନ୍ତି କିନ୍ତୁ ମୁଁ ବନ୍ଦଥିବାରୁ ତାହେଲେ ସରକାରଙ୍କର କୌଣସି ଅସୁବିଧା ହେବ, ସେଥିପାଇଁ ୮ ତାରିଖକୁ ସ୍ଥିର କରିଥିଲି।

"ଗାନ୍ଧିଙ୍କର ବର୍ତ୍ତମାନ ମନୋଭାବ ଓ ଉପବାସର ଉଦ୍ଦେଶ୍ୟ ଦେଖି ଭାରତ ସରକାର ସ୍ଥିର କରିଅଛନ୍ତି ଯେ ଆଜ ସନ୍ଧ୍ୟାରେ ଗାନ୍ଧିଙ୍କୁ ମୁକ୍ତି ଦିଆଯିବ।"

— —

ବମ୍ବେ, ମାନ୍ଦ୍ରାଜ ଭଳି ଇତ୍ୟାଦି ବଡ଼ ବଡ଼ ସହରମାନଙ୍କରେ ମହାତ୍ମାଙ୍କ ଉପବାସ ଲାଗି ବଜାର ସବୁ ବନ୍ଦ ହୋଇଥିଲା। ସହରର ହରିଜନ ଓ ଉଚ୍ଚବର୍ଣ୍ଣର ଲୋକେ ଶୋଭା ଯାତ୍ରା ବାହାରକରି ସ୍ଥାନେ ସ୍ଥାନେ ସଭା କରିଇ ମହାତ୍ମାଙ୍କ ଦୀର୍ଘଜୀବନ କାମନା କରିଥିଲେ।

---

## ସଭାପତିଙ୍କ ସହିତ ପରାମର୍ଶ

ପୁନା ୭।୫।୩୩

ଆଜ ଉପରବେଳା କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଅଣେ ଗାନ୍ଧିଙ୍କ ସହିତ ଦେଖାକଲେ। ଉପବାସରୁ ନିବର୍ତ୍ତାଇବା ପାଇଁ ବହୁତ କହିଲେ କିନ୍ତୁ କିଛି ଫଳ ହେଲନାହିଁ।

---

# ସରକାର ପୂର୍ଣ୍ଣି

## ହୁଡ଼ିଲେ

### ଭାରତସରକାରଙ୍କ ଇସ୍ତାହାର

ସିମଲା ୯।୫।୩୩

ଭାରତ ସରକାର ନିମ୍ନଲିଖିତ ଇସ୍ତାହାର ପ୍ରକାଶ କରୁଛନ୍ତି—

"ମିଃ ଗାନ୍ଧିଙ୍କ ସମ୍ବନ୍ଧ୍ୟାପୀ ଉପବାସ ଯାହାକୁ ସେ କହିଛନ୍ତି ଯେ ସରକାରଙ୍କ ସହ କିଛି ସମ୍ପର୍କ ନାହିଁ ଏବଂ ଯାହାକି କେବଳ ହରିଜନ ମାନଙ୍କ ସମ୍ପର୍କରେ କରାଯାଇଅଛି, ତାହା ସରକାରଙ୍କର ଆଇନ ଅମାନ୍ୟ ବନ୍ଦୀ ମାନଙ୍କୁ ମୁକ୍ତ ନଦେବାର ନୀତି ସମ୍ବନ୍ଧେ କୌଣସି ପରିବର୍ତ୍ତନ ଆଣୁନାହିଁ କିମ୍ବା ସେହି ଆନ୍ଦୋଳନକୁ ପ୍ରଶ୍ରୟଦେବା ଯେତେ କ୍ଷେତ୍ରେ ଯେଉଁମାନେ ସାହାଯ୍ୟ କରୁଅଛନ୍ତି ସେମାନଙ୍କ ପ୍ରତି ସରକାରଙ୍କର ମନୋଭାବ ଯଥାରୀତି ରହିଥିବ।

ସରକାରଙ୍କର ସଭ୍ୟ ସେମ୍ବର ଏମିଲ ପତ୍ରର ତାରିଖରେ କଲିକତା-ସଭାରେ ଆଇନ ଅମାନ୍ୟ ଆନ୍ଦୋଳନ ବାଗି ବନ୍ଦୀମାନଙ୍କୁ ଖଲାସ ଦେବା ସମ୍ବନ୍ଧେ ସରକାରଙ୍କର ମତ ଜଣାଇଥିଲେ। ସେ କହିଥିଲେ :—

"ଯେବେ କଂଗ୍ରେସ ଆନ୍ଦୋଳନକୁ ପୁନର୍ଜୀବିତ କରିବାକୁ ଚାହେଁ ତେବେ ସେକଥା ସ୍ପେକ୍ ଟୋର୍ ନହୁଅନ୍ତି କାହିଁକି? ଯଦି ସରକାରମାନେ ସେମାନଙ୍କର ମନକୁ ନଯାଏ, ତେବେ ପୁଣି ଆଇନ ଅମାନ୍ୟ ଆରମ୍ଭ କରିଦେବେ, ଏହି ସରକାରଙ୍କ ପ୍ରତି କାହିଁକି ଏହି ଧମକ ଦେଇ ଘୋଷଣା କରୁଅଛନ୍ତି? ଆଇନ ଅମାନ୍ୟ ପୁନର୍ବାର କରାଯିବ ଏହି ଧମକ ଦେଖାଇ ଥିବାଯାଏ ସହଯୋଗିତା ହୋଇପାରେ ନାହିଁ। ଏହି ବନ୍ଦୀମାନଙ୍କୁ ଯେପର୍ଯ୍ୟନ୍ତ ଅବଶ୍ୟକ ତାହାଠାରୁ ବେଶିଦିନ ଆମ୍ଭେମାନେ ଅଟକାଇ ରଖିବାକୁ ଚାହୁଁନାହିଁ ଏବଂ ସେମାନଙ୍କ ଛାଡ଼ିଦେବାରେ ଆଇନ ଅମାନ୍ୟ ପୁଣି ହେବାର ଆଶଙ୍କା ଥିବାଯାଏ ମଧ୍ୟ ସେମାନଙ୍କୁ ଛାଡ଼ି ନଦେବାକୁ ଦୃଢ଼ ସଙ୍କଳ୍ପ ଅଛୁଁ।

"ଆମ୍ଭ ନାଙ୍କର ଅପରାଧକୁ ତାର୍ଯ୍ୟତ୍ୟାଗ ଅମ୍ଭେମାନେ ପୃଥିବୀରେ ହାଇବାଣ ହେବାର ପଦକୁ କଣେ ଚାହୁଁ ନାହିଁ। ଆମମାନଙ୍କର ପ୍ରକୃତ ମତ ଭାରତୀୟ ହୋମ୍ ସେକ୍ରେଟରୀ କମନ୍ସରେ ସଂକ୍ଷିପ୍ତ ଭାବରେ କହିଅଛନ୍ତି। ସେ କହିଅଛନ୍ତି। "ସେମାନଙ୍କର ଶକ୍ତି ଯେ ପୁଣି ଆଇନ ଅମାନ୍ୟ ଆନ୍ଦୋଳନ ନ କରିବ, ଏ ସମ୍ପର୍କରେ ଆମ୍ଭେମାନେ ବିଶ୍ୱାସ ଯୋଗ୍ୟ କାରଣମାନ ଦେଖିବାକୁ ଚାହୁଁ।"

—✻—

## କବିବର ରବିନ୍ଦ୍ରଙ୍କ ବାର୍ତ୍ତା

କବିବର ରବିନ୍ଦ୍ରନାଥ ଠାକୁର ଲେଖିଛନ୍ତି। ମୁଁ ରାଜନୀତିଜ୍ଞ ନହେଁ। ମହାତ୍ମାଜୀଙ୍କ ବର୍ତ୍ତମାନ କାର୍ଯ୍ୟରେ କୌଣସି ମତାମତ ମୁଁ ପ୍ରକାଶ କରି ପାରିବି ନାହିଁ। କିନ୍ତୁ ମୁଁ ନିଶ୍ଚୟ କହିବି ଯେଉଁ କଥାରେ ମୋର ଅଟଳ ବିଶ୍ୱାସ ରହିଛି ଏବଂ ସେ ଯେଉଁ ଭାବରେ ଯିବେ ମୁଁ ତାଙ୍କର ପଶ୍ଚାଦ୍ଗମନ କରିବାକୁ ପ୍ରସ୍ତୁତ।

---

Split by PDF Splitter

Digitized by srujanika@gmail.com

# ଖଲିକୋଟ ରାଜା

## ବିଲାତ ବିଜେ କଲେ

ବ୍ରହ୍ମପୁର ୮।୫।୩୩

ଖଲ୍ଲିକୋଟ ଏବଂ ଅଠଗଡ଼ର ରାଜାସାହେବ ମାନ୍ଦ୍ରାଜ ବାଟଦେଇ ବିଲାତ ଅଭିମୁଖେ ଗଲେ । ତାଙ୍କ ସହିତ ତାଙ୍କ ସେକ୍ରେଟାରୀ ମି: କେ. ଏମ ପଟ୍ଟନାୟକ ଯାଇଛନ୍ତି । ବ୍ରହ୍ମପୁର ଷ୍ଟେସନରେ ତାଙ୍କ ବିଦାୟ ଉପଲକ୍ଷରେ ବହୁ ଲୋକଙ୍କର ସମାଗମ ହୋଇଥିଲା ।

---

## ଆନ୍ଧ୍ର ପ୍ରତିନିଧି

ବ୍ରହ୍ମପୁର ୮।୫।୩୩

ବ୍ରହ୍ମପୁର ମ୍ୟୁନିସିପାଲିଟିର ଭାଇସଚେୟାରମାନ ମି: ଏ ଲାଲାଇ ଜାମ୍ବୁଣ ଦର୍ଭି । ମି: ଲକ୍ଷ ଜାମ୍ବୁଣ ଦର୍ଭି ଆନ୍ଧ୍ର କଂଗ୍ରେସିଭେଲ କମିଟି ଭଳେଟରେ ସାକ୍ଷ୍ୟ ପ୍ରଦାନ କରିବା ନିମନ୍ତେ ବିଲାତ ଯାତ୍ରା କଲେ । ବ୍ରହ୍ମପୁର ସହର ଉପର ଓଡ଼ିଶା ପ୍ରଦେଶାନ୍ତର୍ଗତ ନହେବ ଏଥିନିମନ୍ତେ ଏମାନେ ଚେଷ୍ଟା କରିବେ ।

---

## ସରକାର କମିଟି ଗଢ଼ାହେବ

ଭାରତ ସରକାର ଉତ୍କଳ ପ୍ରଦେଶ ଗଠନ ନିମନ୍ତେ ଏକ କମିଟି ବସାଇବାର ସ୍ଥିର କରିଅଛନ୍ତି । କେନ୍ଦ୍ରୀୟ ସରକାର ଏବଂ ବେହାରବାର ଲୋକଙ୍କୁ ନେଇ ଏ କମିଟି ଗଢ଼ାହେବ ସମ୍ଭବତ: ଜଣେ ଓଡ଼ିଆ ସିଭିଲିୟାନ ଏ କମିଟିର ସମ୍ପାଦକ ନିଯୁକ୍ତ ହେବେ । ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ନୂଆକାର ଢାଂଚ ଉପଯୋଗ ତାର ବ୍ୟବସ୍ଥା ଏ କମିଟି କରିବେ ।

---

## ସ୍ପେନରେ ପୁଣି ଅଶାନ୍ତି

ସ୍ପେନରେ ପ୍ରଜାତନ୍ତ୍ର ଶାସନର ପ୍ରତିଷ୍ଠା ଦିନଠାରୁ ସେଠାର ଷଡ଼ଯନ୍ତ୍ର ରାଜାଙ୍କୁ ପୁଣି ରାଜ୍ୟରେ ପ୍ରତିଷ୍ଠା କରିବା ନିମନ୍ତେ ମଧ୍ୟେ ମଧ୍ୟେ ନାନା ଗୋଳମାଳର ସୃଷ୍ଟି କରୁଅଛି । ବର୍ତ୍ତମାନ ପ୍ରକାଶ ପାଇଅଛି ସେ ସ୍ପେନ ସରକାରଙ୍କର ପ୍ରଧାନ ଯୁଦ୍ଧ ମନ୍ତ୍ରୀ ସୈନ୍ୟମାନଙ୍କୁ ସେଠା ପ୍ରଜାତନ୍ତ୍ର ସରକାରଙ୍କ ବିରୁଦ୍ଧରେ ମତାଇ ଏକ ବିପ୍ଳବ ସୃଷ୍ଟି କରିବାପାଇଁ ଚେଷ୍ଟା କରୁଥିଲେ । ତାଙ୍କ ସହିତ ସୈନ୍ୟ ବାହିନୀର ଅନ୍ୟ କେତେକ ଉଚ୍ଚ କର୍ମଚାରୀ ମଧ୍ୟ ଧରାପଡ଼ିଛନ୍ତି । ବିଦ୍ରୋହରେ ସମସ୍ତଙ୍କୁ ଦ୍ୱୀପାନ୍ତର ଦଣ୍ଡ ହୋଇଅଛି ।

---

## ବେକାର କାମପାଇଲେ

ବିଲାତର ବେକାର ମାନଙ୍କ ମଧ୍ୟରୁ ଗତ ସପ୍ତାହରେ ୬୮୫୦୦ ଜଣଲୋକ କାର୍ଯ୍ୟ ପାଇଛନ୍ତି । ବର୍ତ୍ତମାନ ୨୧୬୧୯୮ ଜଣ ପୁରୁଷ । ୪୮୯୮ ଜଣ ବାଳକ ୪୦୫୬୦୦ ଜଣ ସ୍ତ୍ରୀ ଏବଂ ୫୩୯୪ ବାଳିକା ଅକର୍ମା ହୋଇ ବସିଛନ୍ତି ।

---

## ବୌଦ୍ଧ ସନ୍ନ୍ୟାସିଙ୍କ ରୋମ ଯାତ୍ରା

ରେଙ୍ଗୁନରୁ ୫୦ ଜଣ ବୌଦ୍ଧ ସନ୍ନ୍ୟାସି ରୋମଯାତ୍ରା କରିଛନ୍ତି । ସେମାନେ କୌଣସି ଯାନ ବାହନରେ ସାହାଯ୍ୟ ନନେଇ ଚାଲିଚାଲି ରୋମ ପର୍ଯ୍ୟନ୍ତ ଯିବେ । ବାଟରେ ସେମାନେ ବୁଦ୍ଧଗୟା, ବେନାରସ, ସାରନାଥ, ଲୁମ୍ବିନି ପ୍ରଭୃତି ସ୍ଥାନମାନ ପରିଦର୍ଶନ କରିବେ ।

—୦—

# ମହାତ୍ମାଜୀଙ୍କ

## ସ୍ୱାସ୍ଥ୍ୟ ଅବସ୍ଥା ଖୁବ ଭଲ

ପୁନା, ୧୧-୫-୩୩

ଅଦ୍ୟ ୧୧ ତାରିଖ ସକାଳେ ମହାତ୍ମାଗାନ୍ଧୀଙ୍କ ସ୍ୱାସ୍ଥ୍ୟ ବିଷୟରେ ନିମ୍ନଲିଖିତ ଘୋଷଣା ପ୍ରକାଶ ପାଇଛି । କାଲି ରାତିରେ ଗାନ୍ଧିଜୀ ବେଶ ଶାନ୍ତିରେ ନିଦ୍ରା ଯାଇଥିଲେ । ସାହାନ୍ତ୍ରୀ ସକାଳରେ ଟିକିଏ ଅସୁସ୍ଥତା ଅନୁଭବ କଲେ । ବାନ୍ତି ମାତ୍ରାକୁ ଛାଡ଼ି ପକାଇଲେ । ଡାକ୍ତରମାନେ ପାଣି ପିଇବାକୁ ପରାମର୍ଶ ଦେଲେ । ତାଙ୍କ ମନ ବେଶ ପ୍ରଫୁଲ୍ଲ ଅଛି ।

---

## କଂଗ୍ରେସ ସଭାପତିଙ୍କ ଉତ୍କଳକୁ ଆଦେଶ

ପୁନା, ୧୧-୫-୩୩

କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଅଣେ ଉତ୍କଳ କଂଗ୍ରେସ ସଂଗଠନକୁ ଜଣାଇ ଦେବାପାଇଁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ନାମରେ ନିମ୍ନଲିଖିତ ତାର ପଠାଇଛନ୍ତି ।

"ଚଳିତ ୯ ତାରିଖଠାରୁ ପରମ୍ପରା ୬ ସପ୍ତାହ ପର୍ଯ୍ୟନ୍ତ ଆଇନଅମାନ୍ୟ ସ୍ଥଗିତ ରହିଲା । ବିଶେଷ ବିବରଣୀ ଖବର କାଗଜରେ ପ୍ରକାଶିତ ଇସ୍ତାହାରରୁ ବୁଝି ପାରିବେ । ଉତ୍କଳର ସକଳ ସଂଗଠନକୁ ଏ ଖବର ଜଣାଇ ଦିଅନ୍ତୁ ।

---

## ବିଚିତ୍ର ଶିଶୁ

ସମ୍ବଲପୁର, ୧୦-୫-୩୩

ସମ୍ବଲପୁର ଡାକ୍ତରଖାନାରେ ଜଣେ ବ୍ରାହ୍ମଣୀ-ଗର୍ଭରୁ ଗୋଟିଏ ଅଦ୍ଭୁତ ଶିଶୁ ଜାତ ହୋଇଛି । ତାର ମୁଣ୍ଡ ଓ ପେଟ ଖୁବ ବଡ଼ । କପାଳ ପାଖକୁ ଆଖି ଦୁଇଟି, ନାକନାହିଁ । ଓଠ ଦୁଇଟା ହୋଇ ଝୁଲିପଡ଼ିଛି । କାନ ଦୁଇଟି ଖୁବ ବଡ଼ ବଡ଼, ହାତ ଗୋଡ଼ ପକ୍ଷୀ ଗୋଡ଼ପରି ଏବଂ ଛାତି ଫାଟିଯାଇଛି । ଏ ଶିଶୁଟିର ବଞ୍ଚିବା ପରଖିବାର ବ୍ୟବସ୍ଥା ହୋଇଛି । ସନ୍ତାନ ଜନ୍ମର ଦୁଇଦିନପର ଜନନୀର ମୃତ୍ୟୁ ହୋଇଛି ।

---

## ଦେଶୀୟ ଔଷଧରେ ଚିକିତ୍ସା

### ମାନ୍ଦ୍ରାଜ ସରକାରଙ୍କ ବ୍ୟବସ୍ଥା

ମାନ୍ଦ୍ରାଜ ସରକାର ବ୍ୟବସ୍ଥା କରିଛନ୍ତି ଯେ ନିମ୍ନଲିଖିତ ଆଇନ ମାନ ଏ ସମ୍ପର୍କରେ ପ୍ରଚଳିତ ହେବ । ଦେଶି ଔଷଧ ସାହାଯ୍ୟରେ ଚିକିତ୍ସା କରୁଥିବା ବ୍ୟକ୍ତିମାନେ ନିଜକୁ ସରକାରି ରେଜେଷ୍ଟ୍ରି ଭୁକ୍ତ କରାଇ ଚିକିତ୍ସା ବ୍ୟବସାୟପାଇଁ ପ୍ରଥମରୁ ଅନୁମତି ନେବେ ।

୧ ପ୍ରତ୍ୟେକ ଚିକିତ୍ସକ ସରକାର ନିଯୁକ୍ତ ସରକାରି ପରୀକ୍ଷାରେ ବୋର୍ଡଙ୍କର ଉପଯୋଗ ହାସଲ କରିଥିବେ ।

କିମ୍ବା

ସରକାରି ବିଦ୍ୟାଳୟରୁ ଉପାଧି ପାଇଥିବେ, ଏମାନଙ୍କ ବ୍ୟତୀତ ଯେ କୌଣସି ବ୍ୟକ୍ତି ଚିକିତ୍ସା କରିବ ତାହା ହେଲେ ସରକାର ଆଇନାନୁଯାୟୀ ବ୍ୟବସ୍ଥା କରିବେ ।

---

# ଡାକ୍ତର କ୍ଷତିପୂରଣ

## ଦେବେ

## ହାଇକୋର୍ଟରେ ନିଷ୍ପତ୍ତି

୧୯୨୭ ଅକ୍ଟୋବର ମାସରେ କଲିକତାର ମି ମଲ୍ଲିକଙ୍କ ସ୍ତ୍ରୀଙ୍କର ପ୍ଲୁରିସି ରୋଗ ହୋଇଥିଲା । ଚିକିତ୍ସା ନିମନ୍ତେ ସେ ଜଣ ଡାକ୍ତରଙ୍କୁ ଡକାଇଥିଲେ । ଅପରେସନ କରି ଲେଫଟେନେଣ୍ଟ କର୍ଣ୍ଣେଲଙ୍କ ଚିକିତ୍ସାରେ କଲିକତାରେ ରହିଲେ । ମେଡ଼ିକାଲ କଲେଜରେ କର୍ଣ୍ଣେଲ ସେ ଏ ସମୟରେ ସେଠାରେ ଏକାସଙ୍ଗରେ ଚିକିତ୍ସକ କାର୍ଯ୍ୟ କରୁଥିଲେ । ମିସେସ ମଲ୍ଲିକଙ୍କୁ ସେ ଏକାସଙ୍ଗରେ ପରୀକ୍ଷା କରିଥିଲେ । କିନ୍ତୁ ଏଠା ଚିକିତ୍ସାରେ ତାଙ୍କ ରୋଗ ବୃଦ୍ଧିପ୍ରାପ୍ତ ହେବାରୁ କଲିକତାକୁ ନିଆଗଲା । କଲିକତାରେ ବହୁ ବିଶେଷଜ୍ଞ ମାନେ ମତଦେଲେ ଯେ ମିସେସ ମଲ୍ଲିକଙ୍କ ରୋଗ ଏକାସଙ୍ଗରେ ପରୀକ୍ଷା କରିବାରୁ ରୋଗ ଏପରି ଭାବରେ ବୃଦ୍ଧି ପାଇଥିଲା । ବର୍ତ୍ତମାନ ମିସେସ ମଲ୍ଲିକ କର୍ଣ୍ଣେଲ ସାହେବଙ୍କ ନାମରେ ୫୩୫୦୫୬ ୧ ପାଉଣ୍ଡ ଦାବିରେ ମକଦ୍ଦମା କରିଥିଲେ । ସେ ବହୁତ ଶାରୀରିକ ଏବଂ ମାନସିକ କଷ୍ଟପାଇ ଉଦ୍ଭ୍ରାନ୍ତ ହୋଇ ଯିବାରୁ ଦାବି କରିଥିଲେ । ହାଇକୋର୍ଟ ତାଙ୍କୁ ଟ ୨୫୦୦୦ ଡିକ୍ରି ଦେଇଛନ୍ତି ।

---

## ଶପଥ ଆଉ ନ ଉଠିଲା

ଆୟରଲଣ୍ଡର ଉପସଭାପତି ମି: ଡ୍ରା: ଭେଲେରା ଆୟରଲଣ୍ଡ ଫ୍ରିଷ୍ଟେଟ ସିନେଟରେ ପ୍ରସ୍ତାବ କରିଥିଲେ ଆୟରଲଣ୍ଡ ଫ୍ରିଷ୍ଟେଟ ସିନେଟର ସଭ୍ୟମାନଙ୍କ ପାଇଁ ଯେଉଁ ବ୍ୟବସ୍ଥା ଅଛି ସେମାନେ ସମସ୍ତେ ଶପଥ କରିବେ ଯେ ସେମାନେ ଇଂଲଣ୍ଡର ରାଜାଙ୍କ ରାଜଭକ୍ତ ପ୍ରଜା ଭାବରେ କାର୍ଯ୍ୟ କରିବେ ଏ ଶପଥ ଉଠିଯାଉ । ଅନେକ ସ୍ୱଳ୍ପ ତର୍କପରେ ସିନେଟରେ ମୁଲତବି ହୋଇଅଛି ଏ ପ୍ରସ୍ତାବ ସପକ୍ଷରେ ୨୬ ଏବଂ ବିପକ୍ଷରେ ୩୬ ଭୋଟ ହୋଇଥିଲା । ମି: ଡ୍ରା: ଭେଲେରା ଏ ସମ୍ପର୍କରେ କହିଥିଲେ ଯେ ବ୍ରିଟିଶ ସରକାର ସହିତ ଆୟରଲଣ୍ଡର ଯେ ସମସ୍ତ ସ୍ୱତନ୍ତ୍ରତାର ସମ୍ପର୍କ ଅଛି ତାହା ସମସ୍ତ ଉଠାଇ ଦେବାକୁ ସେ ବଦ୍ଧପରିକର ଏବଂ ସେଠା ସରକାର ସେ ଦିଗରେ କାର୍ଯ୍ୟ କରୁଛନ୍ତି ।

---

## ବେତାର କଲ

ଇଂଲଣ୍ଡରେ ୫୪୯୮୬୦୦ ଟି କଲ ସାଧାରଣ ଲୋକମାନଙ୍କ ଦ୍ୱାରା ବ୍ୟବହୃତ ହେଉଛି । ଗୀତ, ବକ୍ତୃତା ପ୍ରଭୃତି ସମସ୍ତ ଖବର ଏହି କଲଦ୍ୱାରା ପଠାଯାଏ ।

---

## ଜର୍ମାନୀରେ ମଟର ନିମନ୍ତେ ସୁବିଧା

ଜର୍ମାନୀର ସରକାର ବ୍ୟବସ୍ଥା କରିଛନ୍ତି ଯେ ଜର୍ମାନ ସାମ୍ରାଜ୍ୟ ମଧ୍ୟରେ ବର୍ତ୍ତମାନଠାରୁ ମଟର ଗାଡ଼ି ଉପରେ ଆଉ କୌଣସି ପ୍ରକାର ଟିକସ ନିଆଯିବ ନାହିଁ । ତାହାହେଲେ ଲୋକ ସାଧାରଣ ମଟରଗାଡ଼ି ଚଳାଇ ପାରିବେ ।

---

Split by PDF Splitter

Digitized by srujanika@gmail.com

REGISTERED NO. P 6

141

# ଉତ୍କଳଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା

The Utkal Dipika

ସମ୍ପାଦକ—ଶ୍ରୀ ଜଗନ୍ନାଥ ଦାସ
ଏମ୍. ଏ., ଏମ୍. ଏଲ୍. ସି

{ ବାର୍ଷିକ ଅଗ୍ରୀମ ମୂଲ୍ୟ ୪ ୩ ୮
{ ପ୍ରତିଖଣ୍ଡ ୦ ୧୧

ଖ ୬୮ ଭ

Cuttack, Saturday the 20th May 1933
ବୈଶାଖ ୭ ଦିନ ସନ ୧୩୪୦ ସାଲ ଶନିବାର

୧୯ଶ ସଂଖ୍ୟା

## ମହାତ୍ମାଗାନ୍ଧିଙ୍କ

### ସ୍ୱାସ୍ଥ୍ୟ ଇସ୍ତାହାର

### ଦିନକୁ ଦିନ ଅବସ୍ଥା ଭଲ ହେଉଛି

ପୁନା, ତା ୧୮।୫।୩୩

ମହାତ୍ମାଗାନ୍ଧିଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଆଜ ସକାଳେ ଯେ ଇସ୍ତାହାର ବାହାରିଛି, ସେଥିରେ ଲେଖାଅଛି ଯେ ଗାନ୍ଧିଜୀଙ୍କ ସ୍ୱାସ୍ଥ୍ୟ କାଲି ଅପେକ୍ଷା ଆଜ ଅଳ୍ପ ଭଲ ହୋଇଛି । ଡାକ୍ତରମାନେ ତାଙ୍କର ଆଜ ସ୍ୱାସ୍ଥ୍ୟ ଦେଖି ଖୁବ୍ ଆଶାନ୍ୱିତ ହୋଇଛନ୍ତି । କାଲି ରାତି ସେ ଖୁବ୍ ଆରାମରେ କଟେଇଛନ୍ତି । ଗତିମାନ ଅଧିକ ପରିମାଣରେ ପାଣି ପିଉଛନ୍ତି । ଯଦିଓ ଉପବାସ ଯୋଗୁଁ ଅଧିକ ଦୁର୍ବଳ ହେଉଛି, ସାଧାରଣ ସ୍ୱାସ୍ଥ୍ୟ ଖୁବ୍ ସନ୍ତୋଷଜନକ ଅଛି ।

—

### ଗାନ୍ଧିଜୀଙ୍କ ରକ୍ତ ପରୀକ୍ଷା

ବମ୍ବେ, ତା ୧୭।୫।୩୩

ଡାକ୍ତର ଖାଦୋଲକର ଗାନ୍ଧିଜୀଙ୍କ ରକ୍ତ ପରୀକ୍ଷା ନିମନ୍ତେ ନେଇ ଯାଇଥିଲେ । ସେ ତାଙ୍କର ପ୍ରୟୋଗଶାଳାରେ କାଲି ଗାନ୍ଧିଜୀଙ୍କ ରକ୍ତ ଭଲ ରୂପେ ଅଣୁବୀକ୍ଷଣ ଦ୍ୱାରା ପରୀକ୍ଷା କରିଛନ୍ତି । ପ୍ରତିନିଧି ତାଙ୍କ ସହିତ ଦେଖା କରି ରକ୍ତ ପରୀକ୍ଷାର ଫଳାଫଳ ସମ୍ବନ୍ଧରେ ପଚାରିବାରୁ ସେ କହିଲେ ଯେ ରକ୍ତ ପରୀକ୍ଷା କରି ମୁଁ କୌଣସି ପ୍ରକାର ଖରାପ ଦେଖି ପାରିଲି ନାହିଁ । ଯାହା ଦେଖିଲି ସବୁ ଭଲ ଦେଖିବାକୁ ପାଇଲି । କାଲି ଏଥିର ରିପୋର୍ଟ ପୁନା ପଠାଇ ଦେବି ।

—

### ପଞ୍ଜାବ ଡାକଗାଡ଼ି ଦୁର୍ଘଟଣା

### ୮ଜଣ ଗିରଫଦାର ହୋଇଛନ୍ତି

ପାଟଣା ୧୭।୫।୩୩

ମୋକାମାଠାରେ ପଞ୍ଜାବ ଡାକଗାଡ଼ି ଡେରେଲ ହେଲେ ଅନେକ ଲୋକ ଆହତ ହୋଇଥିଲେ । ସେଥିର କାରଣ ଅନୁସନ୍ଧାନ କରିବାକୁ ଯାଇ ଯାନପୁଲିସ ପୁଲିସ ୮ ଜଣଙ୍କୁ ଗିରଫ କଲେଣି । ସେଥି ମଧ୍ୟରେ ଉପଯୁକ୍ତ ନାମର ୧୦ ବର୍ଷର ପିଲାଟିଏ ଗିରଫଦାର ହୋଇଛି । ସେ ପିଲାଟି ବର୍ତ୍ତମାନ ଜାମିନରେ ଅଛି । ଆସନ୍ତା ଶୁକ୍ରବାର ଏମାନଙ୍କ ମକଦ୍ଦମାର ଶୁଣାଣି ହେବ ।

—

## ଡାକ୍ତରି ବୋର୍ଡର

### ଇସ୍ତାହାର

### ବିପଦର ଆଶଙ୍କା ନାହିଁ

ପୁନା, ୧୭।୫।୩୩

ଡାକ୍ତର ଅନସାରି, ଡାକ୍ତର ଦେଶମୁଖ, ଡାକ୍ତର ପଟେଲ, ଡାକ୍ତର ଗିଲ୍ଡର, ଡାକ୍ତର ଏଣ୍ଡ୍ରୁଲକର, ଡାକ୍ତର ଧନ୍ଵନ୍ତରି ଓ ଡାକ୍ତର ସାଟେଲଙ୍କୁ ନେଇ ମହାତ୍ମା ଗାନ୍ଧିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଯେଉଁ ଡାକ୍ତରି ବୋର୍ଡ ଗଢ଼ାଯାଇଛି ସେମାନେ ଆଜ ମହାତ୍ମାଜୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କଲେ । ଅନେକ ସମୟ ପର୍ଯ୍ୟନ୍ତ ଖୁବ୍ ଭିନ୍ନଭିନ୍ନ ଭାବେ ପରୀକ୍ଷା କରି ସେମାନେ ଏକମତ ହୋଇ ନିମ୍ନଲିଖିତ ଇସ୍ତାହାର ସାଧାରଣରେ ପ୍ରକାଶ କରିଛନ୍ତି ।

"ଆମ୍ଭେମାନେ ଆଜ ମହାତ୍ମା ଗାନ୍ଧିଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କଲୁଁ । ସେ ଗତ ଶୁକ୍ରବାର ଦିନଠାରୁ ଆଜଯାଏ ୨ ପାଉଣ୍ଡ ଓଜନରେ କମିଛନ୍ତି । ବର୍ତ୍ତମାନ ସାମାନ୍ୟରେ ଉପସର୍ଗ ରହିଛି । ରକ୍ତର ଚାପ ବଢ଼ି ନାହିଁ । ପରୀକ୍ଷାରେ କୌଣସି ଗୋଳମାଳ ନାହିଁ । ରକ୍ତ ପରୀକ୍ଷାରେ ସାମାନ୍ୟ ହେଲେ କୌଣସି ଖରାପ ଦେଖାଗଲା ନାହିଁ । ସେ ବର୍ତ୍ତମାନ ଖୁବ୍ ଦୁର୍ବଳ ହେଲେ ମଧ୍ୟ ବେଶ ପ୍ରଫୁଲ୍ଲ ଅଛନ୍ତି ।"

ଡାକ୍ତରମାନେ ଆଜ ପରୀକ୍ଷାରେ ଏକମତ ହୋଇ କହିଛନ୍ତି ଯେ ନିକଟରେ କୌଣସି ବିପଦର ଆଶଙ୍କା ନାହିଁ । ଡାକ୍ତରମାନେ ୧୦ ମିନିଟ କାଳ ପରୀକ୍ଷା କଲେ । ସେଥିପରେ ଗାନ୍ଧିଜୀଙ୍କ ଅବସ୍ଥା ଏଥର ଏତେ ଭଲ ପ୍ରକାର ଦେଖି ଖୁବ୍ ଆନନ୍ଦିତ ହେଲେ ।

—o—

### ଡାକ୍ତରମାନଙ୍କର ଇସ୍ତାହାର

ପୁନା, ତା ୧୭।୫।୩୩

ଆଜ ଉପରବେଳା ପୁନା ପର୍ଣ୍ଣକୁଟୀରରୁ ଗାନ୍ଧିଜୀଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଏକ ବୁଲେଟିନ ପ୍ରକାଶ ପାଇଛି । ସେଥିରେ ଲେଖାଅଛି ଆଜ ଗାନ୍ଧିଜୀଙ୍କ ଉପବାସର ୧୦ ଦିନ । ସେ ଆଜ ଦିନ ବେଳଟା ଖୁବ୍ ଭଲରେ କଟେଇଛନ୍ତି ଏବଂ ସ୍ୱାସ୍ଥ୍ୟର ଅବସ୍ଥା ବେଶ ଭଲ ଅଛି ।

—

## ଲଣ୍ଡନ

### ପାର୍ଲ୍ୟାମେଣ୍ଟାରୀ କମିଟି ବସିଲା

### ପୁଣି ଶୁକ୍ରବାର ଦିନ ବୈଠକ

### ସାପ୍ରୁ, ଭାରତୀୟମାନଙ୍କର ନେତା

ଲଣ୍ଡନ, ତା୧୬।୫।୩୩

ଆଜ ଜଏଣ୍ଟ ପାର୍ଲ୍ୟାମେଣ୍ଟାରୀ କମିଟିର ବୈଠକ ଆରମ୍ଭ ହେଲା । ୨ଘଣ୍ଟା କାଳ ଆଲୋଚନା ଚାଲିଲା । ସବୁକଥା ଗୁପ୍ତରେ ହେଉଥାଏ । ପୁଣି ଶୁକ୍ରବାର ଦିନଯାଏ କମିଟି ବୈଠକ ମୁଲତବୀ ରହିଲା ।

ଆଜ ଏ ବୈଠକରେ କେବଳ ଗୋଟିଏ ଷ୍ଟିଅରିଂ କମିଟି ଗଢ଼ାଯାଇଛି । ଏଥିରେ ୭ଜଣ ବ୍ରିଟିଶର ପ୍ରତିନିଧି ଓ ୬ଜଣ ଭାରତୀୟ ପ୍ରତିନିଧି ଅଛନ୍ତି । ଏମାନେ ବସି କାର୍ଯ୍ୟ ତାଲିକା ପ୍ରସ୍ତୁତ କରିବେ । ଭାରତୀୟ ପ୍ରତିନିଧିମାନଙ୍କ ଭିତରୁ ସାର୍ ମାନୁଭାଇ ମେହେଟା, ସାର୍ ମିର୍ଜା ଇସ୍ମାଇଲ, ସାର୍ ତେଜ ବାହାଦୁର ସାପ୍ରୁ, ସାର୍ ହରିସିଂହ ଗୌର, ସାର୍ ଅବଦୁଲ ରହିମ ଓ ସାର୍ ଜାଫରୁଲା ଖାଁ ଏ କମିଟିରେ ମେମ୍ବର ହୋଇଛନ୍ତି ।

### ସାର୍ ସାପ୍ରୁ ଆଗୁଆ ହେଲେ

ଭାରତୀୟ ପ୍ରତିନିଧିମାନଙ୍କର ଏକ ବୈଠକ ଆଜ ସନ୍ଧ୍ୟାରେ ହୋଇଥିଲା । ସାର୍ ପିରୋଜ ସେଠଣା, ମିଷ୍ଟର ଯୋଶୀ, ଡାକ୍ତର ଅମ୍ବେଦକର, ମିଷ୍ଟର ଜୟକାର ପ୍ରଭୃତି ଉପସ୍ଥିତ ଥାଇ ସ୍ଥିର କରିଛନ୍ତି ଯେ ତାଙ୍କ ଦଳର ଅଗ୍ରଣୀ ହେବାପାଇଁ ସାର୍ ତେଜ ବାହାଦୁର ସାପ୍ରୁଙ୍କୁ ଅନୁରୋଧ କରାଯାଉ ।

—

### ମଧ୍ୟପ୍ରଦେଶର ନୂତନ ଲାଟ

### ମିଷ୍ଟ ମ୍ୟାକ ଗୋଆନଙ୍କ ନିଯୁକ୍ତି

ମଧ୍ୟ ପ୍ରଦେଶରେ ଲାଟ ସାହେବଙ୍କ ଏକଜିକ୍ୟୁଟିଭ କାଉନସିଲର ମେମ୍ବର ନିଯୁକ୍ତ ହୋଇଛନ୍ତି । ଆଗାମୀ ଅକ୍ଟୋବର ମାସରେ ସେ ସେଠାରେ ଗଭର୍ଣ୍ଣରଙ୍କ ପଦ ଗ୍ରହଣ କରିବେ, କାରଣ ସେତେବେଳେ ବର୍ତ୍ତମାନ ମଧ୍ୟ ପ୍ରଦେଶରୁ ଅବସର ଗ୍ରହଣ କରିସିବେ । ତାଙ୍କ ସ୍ଥାନରେ ମଧ୍ୟ ପ୍ରଦେଶର ପ୍ରାଦେଶିକ ଶାସନକର୍ତ୍ତା ନିଯୁକ୍ତ ହୋଇଛନ୍ତି । ମଧ୍ୟ ପ୍ରଦେଶର ସରକାରଙ୍କର ସ୍ୱରାଷ୍ଟ୍ର ବିଭାଗର କର୍ତ୍ତା ମିଃ ମ୍ୟାକ ଗୋଆନ, ଏ ମହାଶୟ ଗତ ୩୦ ବର୍ଷ ହେଲା ସେହି ମଧ୍ୟପ୍ରଦେଶରେ କାର୍ଯ୍ୟ କରୁଛନ୍ତି ।

—

Split by PDF Splitter

Digitized by srujanika@gmail.com

Split by PDF Splitter



# ଉତ୍କଳଦୀପିକା

ମଇ ତା ୨୦ ରଖ ଶନିବାର

## ଭଗବାନ ରକ୍ଷାକରନ୍ତୁ

ଭାରତର ଶ୍ରେଷ୍ଠ ସନ୍ତାନ ଜଗତର ପୂଜ୍ୟ ମହାତ୍ମାଗାନ୍ଧି ଅତ ପୀଡ଼ିତ । ଅବହେଳିତ ପତିତ ଜାତିସମୂହ ଉଦ୍ଧାରକଳ୍ପେ ଅନଶନବ୍ରତ ଗ୍ରହଣ କରିଛନ୍ତି । ଅଦ୍ୟ ଉପବାସର ଦ୍ୱାଦଶ ଦିବସ । ଏପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ପରୀକ୍ଷକ ଡାକ୍ତରମାନଙ୍କ ମତରେ ତାଙ୍କର ସ୍ୱାସ୍ଥ୍ୟ ଏବଂ ମନୋଭାବ ସନ୍ତୋଷ ଜନକ ଅଛି । ମହାତ୍ମାଙ୍କ ପ୍ରଥମ ଉପବାସ ସମ୍ବନ୍ଧରେ ଉପବାସର ପରେ ତାଙ୍କର ମସ୍ତିଷ୍କ ଦୁର୍ବଳର ଅଣକାଦର ଡାକ୍ତର ଅନଲକ କହୁଥିଲେ । କିନ୍ତୁ ଏଥର ଉପବାସର ସମସ୍ତ ୨୧ ଦିନ । ଭାରତ ତଥା ସମସ୍ତେ ଦେଶ ଉଦ୍‌ବେଗ ଏବଂ ଆଶଙ୍କାରେ କାଳ କାଟୁଛନ୍ତି । ସମସ୍ତଙ୍କର ତାହାର ପ୍ରାର୍ଥନା ଯେ କରୁଣ ଭଗବାନ ଏ କୋଟି କୋଟି ଭାରତ ବାସୀଙ୍କୁ ଅନାଥ ନ କରନ୍ତୁ । ଭାରତବର୍ଷର ମଙ୍ଗଳାର୍ଥେ ଭାରତବର୍ଷର ଶ୍ରେଷ୍ଠ ସମ୍ପଦକୁ ରକ୍ଷା କରନ୍ତୁ । ସଂସାରର ସମସ୍ତ ସୁଖ ତ୍ୟାଗ କରି ସମସ୍ତ ଭୋଗ ବିଳାସ ତ୍ୟାଗ କରି ଜନ୍ମଭୂମିର ସେବା ବ୍ରତ ଗ୍ରହଣ କରିଥିବାରୁ ଜୀବନର ବ୍ରତକୁ ପୂର୍ଣ୍ଣ ତାଙ୍କର ପଦ ଧୌତ କରିବାପାଇଁ ତାଙ୍କରି ଉଦ୍ଧାର ପାଇଁ ସେ ଅତ ଜୀବନ ଜଳାଞ୍ଜଳି ଦେବାପାଇଁ ଉଦ୍ୟତ । ଏ ସ୍ନେହର ପରାକାଷ୍ଠା ଏ ତ୍ୟାଗର ପରାକାଷ୍ଠା । ଏ ଅଲୌକିକ ସାଧନା ଅତ ଶୀଘ୍ର ଭାରତବାସୀଙ୍କି ଉପକୃତ କରି ଦେଉଅଛି ପ୍ରତ୍ୟେକ ଭାରତବାସୀଙ୍କୁ ଉଦ୍‌ବେଳିତ କରି ତା ସ୍ଥାନରେ ଏକ ଅପୂର୍ବ ପରିବର୍ତ୍ତନ ଆଣିଛି । ଭଗବାନ ତାଙ୍କରି ଉପବାସ ପୂର୍ଣ୍ଣ କରି ଭାରତବାସୀଙ୍କି ରକ୍ଷାକରନ୍ତୁ ।

---

## ଜ୍ୟୋତିଷଙ୍କ ଭବିଷ୍ୟତ ବାଣୀ

ପୁନା ୪ୗ୫ୗ୩୩

ଜଣେ ଜ୍ୟୋତିଷ ତାଙ୍କର ଗଣନା ଏବଂ ଜ୍ୟୋତିଷ ପ୍ରକାଶ କରିଛନ୍ତି ଯେ ଏ ଗ୍ରୀଷ୍ମରେ ରବି, ଶୁକ୍ର, ବୁଧ ଏବଂ ସମାବେଶ ହୋଇ ମଙ୍ଗଳ ବୃଦ୍ଧିଭାବକୁ ପୂର୍ଣ୍ଣ ଭାବରେ ଦେଖୁଥିବାରୁ ଗାନ୍ଧିଜୀ ଏମାସ ୯ ତାରିଖ ପ୍ରାତଃରୁ ରକ୍ତି ଯାଇବେ ବୋଲି ଜ୍ୟୋତିଷ କହନ୍ତି, ସେ ୨୦ ତାରିଖ ପର୍ଯ୍ୟନ୍ତ ଜୀବିତ ବଡ଼ ବିପଦରେ ରହିବ । ତାହାପରେ ଗାନ୍ଧିଙ୍କ ଅବସ୍ଥା ଆଉ ଆଶାଜନକ ହେବ ନାହିଁ । ଏହି ଅନଶନରେ ଗାନ୍ଧିଜୀ ଜନ୍ମି ହେବେ । ଏହାପରେ ସଙ୍କଟ କାଟିଲେ ଦେଶ ପାଇଁ ପୂଜା କରିବେ । ତାଙ୍କ ଅଟେ ଶରୀରର ଅବସ୍ଥା ଉନ୍ନତ ହେବ ।

---

## ଗୋରା ମହିଳା ଗ୍ରେପ୍ତାର

ମାଡ୍ରାଜ ମ୍ୟୁନିସିପାଲିଟିର କମିଶନର ମିସ ହେଜାନ ଏଣ୍ଟେଲେ ଜାନୁଆରି ମାସରେ ବଦଳି ଛୁଟି ହୋଇ ଗଲେ ପିକେଟିଙ୍ଗ କରିଥିବାରୁ ଧୃତ ହୋଇ ବିଚାରରେ ତାଙ୍କୁ ଜୋରିମାନା ଦଣ୍ଡ ହୋଇଥିଲା । ଜୋରିମାନା ଟଙ୍କା ସେ ସମସ୍ତ ଦାଖଲ ନ କରିବାରୁ ପୁଣି ଧୃତ ହୋଇଛନ୍ତି ।

---

## ଅମାନୁଷିକ କାଣ୍ଡ

### ଅଭିଯୋଗରେ ଯୁବକ ଗିରଫ

ସମ୍ବଲପୁର, ତା ୧୬ୗ୫ୗ୩୩

ସାବୁ ଲୁଇସିଂହ ଗ୍ରାମର ଜଣେ ୨୦ ବର୍ଷ ବୟସ୍କ ଯୁବକ ଗୋଟିଏ ଅଷ୍ଟମ ବର୍ଷ ବୟସ୍କା ବାଳିକା ଉପରେ ଅମାନୁଷିକ ବ୍ୟବହାର କରିଥିବା ଅଭିଯୋଗ ପାଇଁ ଧରା ପଡ଼ିଛି ବାଳିକା ଡାକିବା ସାହାଯ୍ୟ କଲେ ସ୍ଥାନୀୟ ହାସପାତାଲକୁ ବାଳିକାଟିକୁ ଚିକିତ୍ସା ପାଇଁ ଆଣିଛନ୍ତି । ବାଳିକାର ଅଭିଭାବକଗଣ ଓ ଯୁବକଟି ମଧ୍ୟ ହାଜତରେ ଅଛନ୍ତି । ପ୍ରକାଶ ଯେ ଯୁବକଟି ବାଳିକାର ଭଉଣୀ ଅଟେ । ବାଳିକାର ଅବସ୍ଥା ବର୍ତ୍ତମାନ ଭଲ ଅଛି । ପୋଲିସ ତଦନ୍ତ ଖବର ଅଛି କଣା ଯାଇନାହିଁ ।

—o—

## ଜୟପୁର

### ମୁସଲମାନଙ୍କ ସଭା

ଓଡ଼ିଶାରେ ମିଶିବାପାଇଁ ବ୍ୟାକୁଳ

ଜୟପୁର, ତା ୧୬ୗ୫ୗ୩୩

୧୦ ତାରିଖ ଜୟପୁର ମାଳର ମୁସଲମାନ ଅଧିବାସୀମାନଙ୍କର ଏକ ସଭା ଏଠାରେ ହୋଇଥିଲା । ଜନାବ ମହମ୍ମଦାର ଖାଁ ସାହେବ ସଭାପତି ହୋଇଥିଲେ । ଜଣକ ପ୍ରସ୍ତାବ ଓଡ଼ିଶାପାଇଁ ଏକ ସ୍ୱତନ୍ତ୍ର ପ୍ରଦେଶ ହେବ ବୋଲି ଘୋଷଣା ହୋଇଥିବାରୁ ଭାରତ ସରକାରଙ୍କୁ ଧନ୍ୟବାଦ ଜଣାଉଛନ୍ତି । ୨ୟ ନିର୍ବାଚନରେ ପ୍ରସ୍ତାବ ହେଲା ଯେ ଏ ସଭା ଜୟପୁର ମାଳକୁ ଧର୍ମ-କାଗଜରେ ପ୍ରସ୍ତାବିତ ଓଡ଼ିଶା ପ୍ରଦେଶରୁ ବାଦ ଦିଆଯାଇଥିବାରୁ ଗଭୀର ଦୁଃଖ ଓ ଘୋର ଅସନ୍ତୋଷ ପ୍ରକାଶ କରୁଛନ୍ତି । ଜୟପୁରର ମୁସଲମାନମାନେ ଓ ହୋଟେଲ କମିଟି ଆଗେ ଏ ଅଞ୍ଚଳ ଓଡ଼ିଶା ସଙ୍ଗେ ମିଶିବାପାଇଁ ସାକ୍ଷୀ ଦେଇଥିଲେ ଏବଂ ଏ ଅଞ୍ଚଳର ଶତକଡ଼ା ୬୨ ଜଣ ଲୋକ ଓଡ଼ିଆ ହୋଇଥିବାରୁ ଏହା ନ କରିବାରୁ ଏ ଏ ସଭା ତାହାର ଘୋରତର ଆପତ୍ତି ବୋଲି ପ୍ରସ୍ତାବ କଲେ ।

ଏ ପ୍ରସ୍ତାବରେ ଘୋଷଣା କରାଗଲା ଯେ ଏ ମାଳ ଅଞ୍ଚଳର ମୁସଲମାନମାନଙ୍କର ହିତ ଓ ସ୍ୱାର୍ଥ ଓଡ଼ିଆ ଲୋକଙ୍କର ହିତ ଓ ସ୍ୱାର୍ଥ ସଙ୍ଗେ ସଂଯୁକ୍ତ ଅଛି । ଭାଷା ଓ ଶିକ୍ଷା ଦୃଷ୍ଟିରୁ ସେମାନଙ୍କ ସଙ୍ଗେ ସାମଞ୍ଜସ୍ୟ ଅଛି, କିନ୍ତୁ ଅନ୍ଧ୍ରମାନଙ୍କ ସଙ୍ଗେ ମୁସଲମାନଙ୍କର କୌଣସି ସାମଞ୍ଜସ୍ୟ ନାହିଁ । ଏ ଅଞ୍ଚଳର ମୁସଲମାନଙ୍କ ଅବସ୍ଥା ମାନ୍ଦ୍ରାଜ ଅପେକ୍ଷା ଓଡ଼ିଶା ପ୍ରଦେଶରେ ଅଧିକ ଉନ୍ନତ ହେବ । ଏ ପ୍ରସ୍ତାବ ଜନାବ ଜାନ ସମୁଦ ହୋସେନ ସାହେବ ଅନୁମୋଦନ କରିଥିଲେ । ଜନାବ ମେହେବୁବ ଲୁନାବ ସାହେବ ଅନୁମୋଦନ କରିଥିଲେ । ତାଙ୍କ ଜୟସୁ ଅଲି ସୁଜନ ସାହେବ ଓ ଜନାବ ଅବଦୁଲ ଖାଁ ସାହେବ ସମର୍ଥନ କରିଥିଲେ । ସର୍ବସମ୍ମତିକ୍ରମେ ଏହା ଗୃହୀତ ହେଲା ।

୩ୟ ପ୍ରସ୍ତାବରେ ଏ ସଭା ଓଡ଼ିଶାର ବାହାର ମୁସଲମାନ ସଙ୍ଗଠନମାନଙ୍କୁ ଓ ଲଣ୍ଡନ ପାର୍ଲାମେଣ୍ଟାରୀ କମିଟିର ମୁସଲମାନ ସଦସ୍ୟମାନଙ୍କୁ ଅନୁରୋଧ କରୁଛନ୍ତି କି ସେମାନେ ଜୟପୁରକୁ ଓଡ଼ିଶା ସଙ୍ଗେ ମିଶାଇବାର ସରକାରଙ୍କଠାରେ ଦାବି କରନ୍ତୁ । ଏ ପ୍ରସ୍ତାବ ମଧ୍ୟ ଅନେକ ଓ ସମର୍ଥିତ ହୋଇ ସର୍ବସମ୍ମତିରେ ଗୃହୀତ ହେଲା ।

---

## ପୁରୀରେ

### ମନ୍ଦିର ପ୍ରବେଶ

### ପଣ୍ଡିତ ନୀଳକଣ୍ଠଙ୍କ ଉଦ୍ୟମ

ପୁରୀ, ୧୭ୗ୫ୗ୩୩

ଅଦ୍ୟ ସକାଳ ଘଣ୍ଟା ୭ଟାବେଳେ ଉତ୍କଳ ପ୍ରାଦେଶିକ ଅସ୍ପୃଶ୍ୟତା ନିବାରଣୀ ସମିତିର କାର୍ଯ୍ୟକାରୀ କମିଟିର ବୈଠକ ଏଠାରେ ହୋଇଥିଲା । କଟକରୁ ଶ୍ରୀଯୁକ୍ତ ସତ୍ୟନାରାୟଣ ସେନଗୁପ୍ତ, ଜମଦାର ଦାମୋଦର, ବାଲେଶ୍ୱରରୁ ଶ୍ରୀଯୁକ୍ତ ମୁକୁନ୍ଦପ୍ରସାଦ ଦାସ, ଗଞ୍ଜାମରୁ ଶ୍ରୀମତୀ ରମାଦେବୀ ଭଞ୍ଜଦେଓ, ସମ୍ବଲପୁରରୁ ଶ୍ରୀଯୁକ୍ତ ନୃସିଂହ ଗୁରୁ, ପୁରୀରୁ ଶ୍ରୀଯୁକ୍ତ ଲୋକନାଥ ମିଶ୍ର ଓ ଅନ୍ୟ ପ୍ରମୁଖ ୧୩ଜଣ ସଭ୍ୟ ଯୋଗ ଦେଇଥିଲେ । ପଣ୍ଡିତ ନୀଳକଣ୍ଠଦାସଙ୍କ ଉପଦେଶକ୍ରମେ ଏଥିରେ ସଭାପତି ଦେବାପାଇଁ ନିମନ୍ତ୍ରଣ କରାଯାଇଥିଲା । କେନ୍ଦ୍ରାପଡ଼ାରୁ ଶ୍ରୀଯୁକ୍ତ ଚତୁର୍ଭୁଜ ମହାନ୍ତି, ଶ୍ରୀଯୁକ୍ତ ଗୋପାଳଚରଣ ଦାସ ଓ ଶ୍ରୀଯୁକ୍ତ ରଘୁନାଥ ମହାନ୍ତି ପ୍ରମୁଖ ମଧ୍ୟ ଯୋଗ ଦେଇଥିଲେ ।

ଶ୍ରୀଯୁକ୍ତ ମୁକୁନ୍ଦପ୍ରସାଦ ଦାସ ସଭାପତି ଥାଇ କମିଟି କାର୍ଯ୍ୟ କରାଯାଇଥିଲା । କମିଟିରେ ପ୍ରଦେଶ ଓ ଅନ୍ୟାନ୍ୟ କମ କମିଟିମାନଙ୍କ ବଜେଟ ଉପରେ ଆଲୋଚନା ହେଲା । କଟକ ସହର କମିଟିକୁ ହରିଜନମାନଙ୍କ ଭିତରେ ଶିକ୍ଷା ପ୍ରଚାର କାର୍ଯ୍ୟରେ ବ୍ୟୟ କରିବାପାଇଁ ଅଧିକ ହଜାରେ ଟଙ୍କା ଦିଆଗଲା । ଅନୁକୂଳ ଜିଲ୍ଲାର ବର୍ତ୍ତମାନ ଆର୍ଥିକ ଅବସ୍ଥା ଖୁବ ଖରାପ ହୋଇଥିବାରୁ ସ୍ଥାନୀୟ ଅର୍ଥ ଉଠିପାରୁନାହିଁ । ସେଥି ନିମନ୍ତେ କଟକ ସହର କମିଟି ଅନୁକୂଳକୁ ମାସିକ ୫୦ ୯ ଟଙ୍କା ଦେବେ ବୋଲି କମିଟି ସ୍ଥିର କରାଇ ଦେଲେ । ପ୍ରାଦେଶିକ କମିଟିର ଜଣେ ସ୍ଥାୟୀ ସେକ୍ରେଟେରି ପାରିଶ୍ରମିକ ଦେଇ ନିଯୁକ୍ତ କରିବାପାଇଁ ପ୍ରାଦେଶିକ ସମ୍ପାଦକଙ୍କ କ୍ଷମତା ଦିଆଗଲା ।

### ପୁରୀରେ ମନ୍ଦିର ପ୍ରବେଶ

ପଣ୍ଡିତ ନୀଳକଣ୍ଠ ଦାସ ଏଠାରେ ଅସ୍ପୃଶ୍ୟତା ନିବାରଣ ପାଇଁ ଖୁବ ଆନ୍ଦୋଳନ କରୁଛନ୍ତି । ପୁରୀର ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ହରିଜନମାନଙ୍କୁ ଖୋଲି ଦେବାପାଇଁ ଲୋକମତ ସୃଷ୍ଟି କରିବା ସକାଶେ ଓ ଆନ୍ଦୋଳନ ଚଳାଇବା ସକାଶେ ଏକ ବିଶେଷ କମିଟିର ଆୟୋଜନ କରାଯାଇଛି । ସେଥିରେ ପଣ୍ଡିତ ନୀଳକଣ୍ଠ ଦାସ ସଭାପତି ଓ ଶ୍ରୀଯୁକ୍ତ ଲୋକନାଥ ମିଶ୍ର ଏମ୍. ଏ., ବି. ଏଲ୍. ସମ୍ପାଦକ ହୋଇଛନ୍ତି । ଏ ଆନ୍ଦୋଳନ ଚଳାଇବାପାଇଁ କମିଟି ହାତରେ ଏକହଜାର ଟଙ୍କା ଦିଆଯିବାର ସ୍ଥିର ହେଲା ।

ଉତ୍କଳ ପ୍ରାଦେଶିକ କମିଟି ଭାରତୀୟ ହରିଜନ ସେବକ ସଙ୍ଘକୁ ଅନୁରୋଧ କରିବେ ଯେ ସେ ଏ ପୁଣ୍ୟ ଦେଶର ସମସ୍ୟାକୁ ଭାରତ ସମସ୍ୟା ବୋଲି ଧରନ୍ତୁ ଏବଂ ତାଆସ୍ଥାଶେ ବିଶେଷ ଆନ୍ଦୋଳନ ଓ ସାହାଯ୍ୟ ଦେବାପାଇଁ ବ୍ୟବସ୍ଥା କରନ୍ତୁ ।

ପଣ୍ଡିତ ନୀଳକଣ୍ଠ ବର୍ତ୍ତମାନ ପୁରୀରେ ବିଶେଷ ଭାବରେ ଆନ୍ଦୋଳନ ଚଳାଇବେ ବୋଲି ମତ ପ୍ରକାଶ କରିଛନ୍ତି ।

---

Digitized by srujanika@gmail.com

Split by PDF Splitter



# ବର୍ତ୍ତମାନ ଯୁଗର ଏକମାତ୍ର ଶ୍ରେଷ୍ଠ

## ଟେଲରିଂ ଏବଂ ଗୃହଶିଳ୍ପ ସ୍କୁଲ

### ସରେଇକଳା

[illegible]

ଡେବ ରାଜ ଟେଲରିଂ ଏଣ୍ଡ ଇଣ୍ଡଷ୍ଟ୍ରିୟଲ ଇନଷ୍ଟିଚ୍ୟୁସନ୍

ପୋ: ସରେଇକଳା, ଜିଲ୍ଲା ସିଂହଭୂମ

---

# ଗୋଦର, କୋରଣ୍ଡ ଓ ଏକଶିରାର

**ଅବ୍ୟର୍ଥ ମହୌଷଧ**

[illegible]

ଶ୍ରୀ ଭରତଚନ୍ଦ୍ର ମହାନ୍ତି

ପୋ: ଅ: ସରେଇକଳା

ଜିଲ୍ଲା ସିଂହଭୂମ

---

108 27-5-33

## Notice

Applications are invited from the matriculates, school leaving certificate holders and men with intermediate qualification for 20 stipendiary seats of Rs. 15/- a month and 10 non-stipendiary seats. The students from Orissa States are entitled to the non-stipendiary seats only. Applicants are required to state in their applications if they are willing to be admitted as non-stipendiary students failing to get stipends. Applications with at least two certificates from well-known gentlemen should reach the undersigned on or before the 15th June 1933.

Forms of application may be had on application with postage stamp worth half anna.

Cuttack, The 2nd May, 1933.

K. C. Sen Gupta
Offg. Headmaster,
Cuttack Training School.

---

107 20-5-33

## Notice

Lady Hardinge Medical College,
Delhi.

Three seats have been reserved in this institution for female students from Bihar and Orissa.

Matriculation Examination of one of the Indian Universities or an equivalent is the minimum qualification for admission. Intending candidates should apply to the undersigned by the 10th June 1933 in the form published in the Bihar and Orissa Gazette dated the 17th May 1933. The form can be obtained from the office of the undersigned.

Col. L. Cook,
I. M. S.
Inspector-General of Civil Hospitals,
Bihar and Orissa.

---

108 20-5-33

## WANTED

A Head Pandit for Baripada H. E. School on a monthly pay of Rs. 60-5/2-Rs. 80. None need apply who has not passed a title or the Acharya Examination. Candidates holding training and English qualifications and having previous experience of teaching Sanskrit in a H. E. School will be given preference. Applications together with testimonials must reach the undersigned on or before the 1st. June next.

13-5-33
Baripada

S. N. Das
Superintendent of Education,
Mayurbhanj State.

---

109 20-5-33

## Wanted

For the Lady Fraser Girls' M. E. School Baripada, a trained Mistress on a pay of Rs. 60-5/2-Rs. 80/-. None need apply who has not passed the Matriculation Examination and is not trained. The selected candidate will particularly be required to teach Arithmetic and Oriya literature in the higher classes of the school. A trained undergraduate is preferable. Applications together with testimonials must reach the undersigned on or before the 19th. June next.

Baripada,
13-5-30.

S. N. DAS
Superintendent of Education,
Mayurbhanj State
Baripada.

---

110 20-5-33.

Wanted for the Cottage Industries Institute, Gulzarbagh, an accountant on Rs. 100-5-125. subject to 5% cut. Matriculates with Divisional Accountancy or equivalent qualification and previous experience as Head clerk and Accountant preferred. Should be native of Bihar and Orissa or domiciled therein. Applications to reach the undersigned on or before 2nd June 1933. No travelling allowance for joining or interview. Pay subject to revision as per new entrants.

G. Pujari
Superintendent.

---

# ନୀଲାମ ଇସ୍ତାହାର

[illegible]

Digitized by arujanika@gmail.com

Split by PDF Splitter



୪ । ପ୍ରଃ ଓ ମୌଃ ବଳିକ ସ୍ଥାଇ ରହିଥାବସ୍ତି ଛୁଃ ଖା । ୮୧୮ ଏ୦—୧୮ରୁ ଜମା ଟ୦।୬ ମଧ୍ୟରୁ ଦେଣଦାର ଖାଃ ଟ୦।/୪ରୁ ଏ୦—୦୬ ଜମା ଟ୦୬ [illegible] ଓ ଇତ୍ୟାଦି ସକଳ ସ୍ଵତ୍ଵ ସହିତ ନିଲାମ ହେବ ଖଃ ମୂଃ ଟ ୨୯

୫ । ପ୍ରଃ ଓ ମୌଃ ଏକିକ ହାଲ ବନ୍ଦୋବସ୍ତି ଛୁଃ ଖା । ୮୮୦ ଲା ଏ୯—୦୧ରୁ ଜମା ଟ ୧୨/ ମଧ୍ୟରୁ ଦେଣଦାର ଖାଃ ଏ୦—[illegible] ଜମା ଟ୦୬ ବୃତ୍ତି ଓ ଇତ୍ୟାଦି ସକଳ ସ୍ଵତ୍ଵ ସହ ସବୁ ନିଲାମହେବ ଖଃ ମୂଃ ଟ ୧୫୯

୬ । ପ୍ରଃ ଓ ମୌଃ ଏକିକ ହାଲ ବନ୍ଦୋବସ୍ତି ଛୁଃ ଖା ୧୭୮ ଲା ବାଃ ଏ୦—୧୪ ଛୁଃ ମଧ୍ୟରୁ ଦେଣଦାର ଖାଃ ଏ୦—୦୪ ଡ଼ାଃରୁ ଜମା ଟ୦/୮ [illegible]

[illegible]

କଟକ ମ୍ୟୁନିସିପାଲିଟି ବିଷୟ

[illegible]

କଟକ ସମ୍ବାଦ

[illegible]



Digitized by srujanika@gmail.com

Split by PDF Splitter



## ନେହେରୁଙ୍କ ଆଶା

ଦେଶର ଶିକ୍ଷା ସରକାରଙ୍କର ନୂଆ ଶିକ୍ଷା-ନୀତିରେ ଶ୍ରୀ ଜବାହରଲାଲ ନେହେରୁ ଏ ସପ୍ତାହରେ ଶିକ୍ଷା ମନ୍ତ୍ରୀଙ୍କ ସମ୍ମିଳନୀ ସଭାରେ ସମ୍ପର୍କ ହୋଇ-ଥିଲେ । ସେଠାରେ ସେ କହିଥିଲେ "ଏହାର ଏ ପ୍ରତ୍ୟେକ ଦେଶ ନିଜ ପ୍ରାଥମିକ ଶିକ୍ଷାପ୍ରତି ଅଧିକ ଦୃଷ୍ଟି ଦେବା ଉଚିତ ଏବଂ ପ୍ରାଥମିକ ଶିକ୍ଷାର ଉନ୍ନତି ସମ୍ପୂର୍ଣ୍ଣ ରୂପରେ ହେବା ଦ୍ୱାରା ଦେଶର ଉନ୍ନତି ସମ୍ଭବ ହେବ ।

---

### ଚର୍ଚ୍ଚିଲ ରାଜନୀତି ତ୍ୟାଗକରି ସାହିତ୍ୟ ଚର୍ଚ୍ଚା ଆରମ୍ଭ କରିବେ

ବିଲାତର ଚର୍ଚ୍ଚିଲ ପ୍ରଥମେ ଉଦାରନୀତି ଦଳ ସହିତ ରାଜନୈତିକ ଜୀବନ ଆରମ୍ଭ କରିଥିଲେ । କିନ୍ତୁ ସେଠାରେ ଅଧିକାଂଶଙ୍କ ସହିତ ମତ ମିଳିବା ସମ୍ଭବ ନ ହେବାରୁ ସେ ରକ୍ଷଣଶୀଳ ଦଳରେ ପଶିଲେ । ସେଠାରେ ମଧ୍ୟ ବର୍ତ୍ତମାନ ତାଙ୍କ ସହିତ ଅଧିକାଂଶଙ୍କର ମତଭେଦ ଘଟିବାରୁ ସେ ପ୍ରତ୍ୟେକ ବିଷୟରେ ଦଳ ସହିତ ଏକମତ ହୋଇପାରୁ ନାହାନ୍ତି । ତେଣୁ ବର୍ତ୍ତମାନ ସ୍ଥିର କରିଛନ୍ତି ଯେ ରାଜନୀତି ପରିତ୍ୟାଗ କରି ସାହିତ୍ୟ ଚର୍ଚ୍ଚାରେ ମନ ଦେବେ ଏବଂ ତାହାରି ଦ୍ୱାରା ଜୀବନର ଅବଶିଷ୍ଟ କାଳ ଅତିବାହିତ କରିବେ । ପୂର୍ବରୁ ସେ ଅନେକ ଗ୍ରନ୍ଥ ଲେଖି ପ୍ରକାଶ କରିଛନ୍ତି ।

---

ବର୍ତ୍ତମାନ ପୁଣି ସେ ଯୁଦ୍ଧ ସଂକ୍ରାନ୍ତୀୟ ଏବଂ ଐତିହାସିକ ପୁସ୍ତକ ଲେଖିବେ । ତାଙ୍କ ଲିଖିତ ପୁସ୍ତକମାନ ଶିକ୍ଷିତ ସମାଜରେ ଆଦରଣୀୟ ହୋଇଥିବା ଜଣାଯାଏ । କାରଣ ସେ ସରକାରଙ୍କ ପକ୍ଷରୁ ବହୁ ଅର୍ଥ ପାଇଥାନ୍ତି । ଏସବୁ ପୁସ୍ତକ ପ୍ରକାଶ କଲେ ତାଙ୍କର ପୁସ୍ତକମାନଙ୍କର ବହୁତ ଆଦର ହେବ ।

---

### ଦୁର୍ଭିକ୍ଷ ଧ୍ୱଂସ ନିପାତ କଲେ ନିଜାମ ସରକାରଙ୍କର ପ୍ରତିଜ୍ଞା

ଭାରତରେ ଅନେକ ଦୁର୍ଭିକ୍ଷ ହୋଇଥିଲେ ଦୁର୍ଭିକ୍ଷ ସମୟରେ ବହୁ ଲୋକ ମରନ୍ତି । ଏହି ଦୁର୍ଭିକ୍ଷ ସମୟରେ ବହୁ ଲୋକମାନଙ୍କର ଖାଦ୍ୟ ଅଭାବ ହେବାରୁ ଚାଉଳ ଦାମ ୨୦୦ ଟଙ୍କାରୁ ବେଶିରେ । ଦୁର୍ଭିକ୍ଷ ନିବାରଣ ଉଦ୍ଦେଶ୍ୟରେ ଦୁର୍ଭିକ୍ଷ ସ୍ଥାନରେ ଖାଦ୍ୟ ଯୋଗାଇ ଦେବା ସହିତ ଅନେକ ଲୋକ ଦୁର୍ଭିକ୍ଷ ଅନ୍ୟ ଦେଶକୁ ଚାଲି ଯାଇଥିଲେ । ସେମାନଙ୍କ ଭିତରୁ ମଧ୍ୟ ବହୁ ଲୋକ ସେଠାରେ ମରିଥିଲେ । ଅନେକ ସ୍ଥାନରେ ଦୁର୍ଭିକ୍ଷ ଅନେକ ହୋଇଥିଲେ । ବର୍ତ୍ତମାନ ନିଜାମ ସରକାର କହନ୍ତି ଯେ ଭବିଷ୍ୟତରେ ଆଉ ଯେପରି ଦୁର୍ଭିକ୍ଷ ନ ହେବ । ସେଥିପାଇଁ ବ୍ୟବସ୍ଥା ହୋଇଛି ଯେ ଯଦି କୌଣସି ଦୁର୍ଭିକ୍ଷ ମାରିଦେବ ତାକୁ ୫୦ ଟଙ୍କା ପୁରସ୍କାର ମିଳିବ । ଏପର୍ଯ୍ୟନ୍ତ ସେଠାରେ ୨୦୦ ଦୁର୍ଭିକ୍ଷ ମରିଛି ।

---

## ବିଲାତ

### ବ୍ୟବସାୟୀଙ୍କ ଲାଭ

ଗ୍ରେଟବ୍ରିଟେନରେ କେତେ କୋଟି ଟଙ୍କା ମୂଳଧନରେ ଯେ ବ୍ୟବସାୟ ଚାଲିଛି ଏବଂ କେତେ ଟଙ୍କା ଲାଭରେ ଯେ ଏଠାରେ ବ୍ୟବସାୟ ବାଣିଜ୍ୟ କରୁଛନ୍ତି ତାର ଇୟତ୍ତା ନାହିଁ । ଲଣ୍ଡନରେ ଗୋଟିଏ ବଡ଼ ରକମର ବିଲାତି ମନୋହରୀ ଦୋକାନ ଅଛି । ଏ ଦୋକାନ ବିଲାତି ମୂଲଧନରେ ଚାଲି ଲୋକମାନଙ୍କ ଦ୍ୱାରା ଚାଲିଛି, ଗୋଟିଏ ବର୍ଷରେ ୧୯୫୨-୫୩ ରେ ସେ କମ୍ପାନୀର ସମସ୍ତ ଖର୍ଚ୍ଚ ବାଦ ଲାଭହୋଇଛି ୫ ୬୨୦୦୦୦ ଟଙ୍କା ବ୍ୟବସାୟ ପକ୍ଷ ବର୍ତ୍ତମାନ ସବୁ ମାନ୍ଦା ଥିବା ଅବସ୍ଥାରେ ମଧ୍ୟ ଗୋଟିଏ ଦୋକାନର ଲାଭ ଏତେ ଟଙ୍କା ହୋଇଛି ।

---

### ନୂତନ ଯାନ୍ତ୍ରିକଙ୍କ ଆବିଷ୍କାର

ମିଷ୍ଟର ଶ୍ରୀ କେଲେଶନ ନାମକ ଜଣେ ସଇତାନ ଯାନ୍ତ୍ରିକ ସମ୍ପ୍ରତି ଗୋଟିଏ ଆଶ୍ଚର୍ଯ୍ୟ ଗାଡ଼ିରେ ମୋଟର ପାଇକଲେ ଚଢ଼ିଲେ । ଗୋଟିଏ ଫାଷ୍ଟକ୍ଲାସ ଜାନାଳା କୋଠରୀରେ ତାଙ୍କ ସ୍ଥାନ ଗୋଟିଏ ଟେବୁଲ ଉପରେ ଟାଙ୍ଗ ରଖିଣ ବସି ଥାଏ । ସେ ଗାଡ଼ିଟିର ଉପରେ ଥିବା ଯନ୍ତ୍ରର ଲାଗି ପଛ ଆଡ଼େ ରଖି ଅଙ୍ଗରେ ଖୋଲିଲେ । ଉପସ୍ଥିତ ଲୋକମାନେ ଦେଖିଲେ ସ୍ୱୟଂକ୍ରିୟ ଶବ୍ଦ ହେବାରୁ ଶୁଣି ସେ ଆଉ ନମାଇ ଦେଉଥିବା ଦେଖିଲେ ଏକ ଜଳଉତ୍ତ ଯନ୍ତ୍ରପାତି ଚାଲେ । ସେ କଲ୍‌ପାତ୍ର ଯନ୍ତ୍ର ପ୍ରାଣ ରକ୍ଷା କରିବା ଲାଗି ସବୁଠି ଉପଯୋଗୀ ହେବ । ପରେ ଏପରି ଯନ୍ତ୍ର ଗୋଟିଏ ଗୋଟିଏ ଲୋକଙ୍କୁ ଦେଇ ତାଠାରୁ ଗୋଟିଏ ଗୋଟିଏ ପ୍ରଶଂସାପତ୍ର ପାଇଛି ।

---

### ନୀରସ୍ତ୍ରୀକରଣ ସମ୍ମିଳନୀ ବାର୍ଯ୍ୟ ଅଚଳ

ଜେନେଭାରେ ପୃଥିବୀର ସମସ୍ତ ରାଷ୍ଟ୍ର ସମ୍ମିଳନରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସଭାର ଉଦ୍ଦେଶ୍ୟ ଯେ ରାଷ୍ଟ୍ରମାନଙ୍କର ସୈନ୍ୟ ସାମନ୍ତ ଅସ୍ତ୍ର ଶସ୍ତ୍ର ହ୍ରାସ କରିବାରେ ଏକମତ ହେଲେ ଭବିଷ୍ୟତରେ ଯୁଦ୍ଧର ଆଶଙ୍କା କମ ହେବ । ସେହି ସମ୍ମିଳନୀ ପରେ ବର୍ତ୍ତମାନ ସେଠାରେ ସଭା ହୋଇଥିଲା ଯେଉଁଠାରେ ବୃଦ୍ଧି ହୋଇଥିଲା ଯେ ଜର୍ମାନ ସରକାର ଏ ଜେନେଭା ରାଷ୍ଟ୍ର ସମ୍ମିଳନୀର ଉପରେ ଅନୁରୋଧ କରି ତାର ସୈନ୍ୟ ସାମନ୍ତ ସ୍ୱତନ୍ତ୍ର ପରିମାଣ ଇତ୍ୟାଦି ବଢ଼ାଇ ପାରିବେ ଏବଂ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ତାର ସୈନ୍ୟ ଇତ୍ୟାଦି କମ ପରିମାଣରେ ରଖିବା ସ୍ଥିର ହୋଇଥିଲା । ବର୍ତ୍ତମାନ ଜର୍ମାନୀ ତାର ଲୁପ୍ତ ଶକ୍ତିର ଉଦ୍ଧାର ପାଇଁ ନିଜ ସରକାର ଉପରେ ଚାପ ଦେଉଛି ଯେ ଅନ୍ୟାନ୍ୟ ରାଜ୍ୟମାନଙ୍କ ସହ ସମାନ ପରିମାଣରେ ଅସ୍ତ୍ରଶସ୍ତ୍ର ରଖିବ । ବର୍ତ୍ତମାନ ଏ ଦାବି ସେମାନଙ୍କର ଲାଭ ବଢ଼ାଇ ଲାଗିଛି । ଫରାସୀ ସରକାର ଏ ଦାବିର ବିରୁଦ୍ଧାଚରଣ କରୁଛି । ଜର୍ମାନ ବର୍ତ୍ତମାନ ଧମକ ଦେଉଛି ଯେ ତାର କଥା ନ ରଖିଲେ ଏ ସମ୍ମିଳନୀରୁ ସେ ଅଲଗା ହୋଇଯିବ ।

---

## ହତ୍ୟା ଅପରାଧରେ

### ମୃତ୍ୟୁଦଣ୍ଡ

ଷ୍ଟକହମ ନଗରରେ ସୁଜନ ନାଇ ନାମ୍ନୀ ଏକ ବିଧବା ମହିଳା ତାଙ୍କ ସ୍ୱାମୀଙ୍କ ସମ୍ପତ୍ତିରୁ ମାସିକ ୧୨୦୦ ଟଙ୍କା ଜୀବିକା ନିମନ୍ତେ ପାଉଥିଲେ । ତାଙ୍କର ଏକ ଅଳ୍ପବୟସ୍କା କନ୍ୟା ସହିତ ସେ ବାସ କରୁଥିଲେ । ସ୍ୱାମୀଙ୍କ ମୃତ୍ୟୁ ବାଦ ସେ ତାଙ୍କର ଏକ ଯୁବକକୁ ମୃତ ଲେଖାଇ ଭଲ ଗୃହର ସମସ୍ତ ଭାର ତାଙ୍କ ହାତରେ ଦେଇ ତା ସହିତ ମଫସଲ ଗ୍ରାମ ନିଜ ନିର୍ବାଚ ପ୍ରାସାଦରେ ଯାଇଁ ବାସକଲେ । ସେ ଯୁବକର ପରାମର୍ଶ ଅନୁସାରେ ବହୁମୂଲ୍ୟର ଏକ ସୁନ୍ଦର ମଧ୍ୟ ନିକଟବର୍ତ୍ତୀ ନଗରରେ କ୍ରୟ କଲେ । ତେଣୁ ସୁଜନ ନାଇ ସେ ଯୁବକର ହସ୍ତରେ ଅର୍ପଣ କରିଦେଇ ଗଲେ ତାଙ୍କର ଜୀବନ୍ତ ରହିଥିଲେ ୧୦୦୦ ଟଙ୍କା ଆଣିବାକୁ ଝିଅଟିକି ଜଣେ ନିକଟ ଆତ୍ମୀୟ ପାଖରେ ପଠାଇଦେଇ ଯାଇଥିଲେ । ଟଙ୍କା ନେଇ ଫେରିବା ସମୟରେ ସେ ଯୁବକ ତାଙ୍କଠାରୁ ସମସ୍ତ ଟଙ୍କା କାଢ଼ିନେଇ ତାଙ୍କୁ ହାଣି ବାଟରେ ପକାଇଦେଇ ଆସିଲା । ସହରକୁ ଫେରି ସେ ଝିଅଟିକି ଆଣି ତାକୁ ମାରିପକାଇ ଲୁଚାଇ ରଖିଲା । କିଛିଦିନ ପରେ ଏ ଘଟଣା ପ୍ରକାଶ ପାଇବାରୁ ପୁଲିସ ତାକୁ ଧରି ମକଦ୍ଦମା କଲେ । ମୋକଦ୍ଦମାରେ ତାକୁ ମୃତ୍ୟୁଦଣ୍ଡର ଆଦେଶ ହୋଇଛି ।

---

### ଅପିଲରେ ଦ୍ୱୀପାନ୍ତର

କଲିକତାର ଏକ ଧନ୍ୟବନ୍ତ ମାଳିଚରଣ ତାଙ୍କ ଗୃହ ନିକଟରେ ବାସ କରୁଥିବା ମନୋହରର ବାଳିକା ସ୍ତ୍ରୀ ପ୍ରତି ଆସକ୍ତ ହୋଇ ତା ସହିତ ବ୍ୟଭିଚାର କରେ । ମନୋହର ମାଳିଚରଣ ନାମରେ ମୋକଦ୍ଦମା କଲା । କିନ୍ତୁ ମୋକଦ୍ଦମାରେ ମାଳିଚରଣ ପ୍ରମାଣ ଅଭାବରୁ ଖଲାସ ହୋଇଗଲା । ପୁଣି ମାଳିଚରଣ ଦ୍ୱିଗୁଣ ଉତ୍ସାହରେ ତା ପୂର୍ବକାର୍ଯ୍ୟରେ ଲାଗି ରହିଲା । ସ୍ୱାମୀ ଉତ୍ୟକ୍ତ ହୋଇ ତାର ଦେହରେ ଛୁରୀ ଲଗାଇ ମାଳିଚରଣକୁ ମାରିପକାଇଲା । ସେସନସ କୋର୍ଟରେ ତାର ମୃତ୍ୟୁଦଣ୍ଡ ହୋଇଥିଲା । ଅପିଲରେ ହାଇକୋର୍ଟ ମୃତ୍ୟୁଦଣ୍ଡ ପରିବର୍ତ୍ତରେ ଦ୍ୱୀପାନ୍ତର ଦଣ୍ଡର ବ୍ୟବସ୍ଥା କରିଛନ୍ତି ।

---

### ବିଲାତର ଜାତୀୟ ସରକାର

ଶ୍ରମଜୀବୀ ଦଳଙ୍କ ସରକାର ଗଢ଼ିଲେ ରାମସେ ମ୍ୟାକ ଡୋନାଲ୍ଡ ଏକ ଜାତୀୟ ସରକାର ଗଠନର ଚେଷ୍ଟା କରିଥିଲେ । କିଛିଦିନ ବାଦ ପୁଣି ପାର୍ଲିଆମେଣ୍ଟ ନିର୍ବାଚନ ହେଲା ଏବଂ ନବ ନିର୍ବାଚନ ପରେ ବିଲାତର ତିନି ପ୍ରଧାନ ରାଜନୈତିକ ଦଳର ଲୋକଙ୍କୁ ନେଇ ଏକ ଅଭିନବ ମନ୍ତ୍ରୀ ପରିଷଦ ଗଠନ ହେଲା । ଏ ଦଳରେ ରକ୍ଷଣଶୀଳ ଦଳ ଅଧିକ ସଂଖ୍ୟାରେ ଥିଲେ । କିନ୍ତୁ ଦଳର ମିଃ ରାମସେ ମ୍ୟାକ ଡୋନାଲ୍ଡ ପ୍ରଧାନ ମନ୍ତ୍ରୀ ହୋଇଛନ୍ତି । ଏଥିପାଇଁ ରକ୍ଷଣଶୀଳ ଦଳର ନେତାମାନେ ଭଲ ଭାବରେ ସେମାନେ ସ୍ୱାଧୀନ ପୂର୍ଣ୍ଣ ମାତ୍ରାରେ ସେମାନଙ୍କ ଅଧିକାରରେ ସରକାର ଚାଲିବ । ଏଥିପାଇଁ ଶୀଘ୍ର ସ୍ଥିରୀକୃତ ହେଉଛି ଅନ୍ୟ ଦଳକୁ ବାଦଦେଇ ପୂର୍ଣ୍ଣ ମାତ୍ରାରେ ରକ୍ଷଣଶୀଳ ଦଳର ସରକାର ଗଠନ ହେବ ।

---

Digitized by srujanika@gmail.com

# ଶରୀର ରକ୍ଷୀ

## ରକ୍ଷାପାଇଲେ ନାହିଁ

କତ୍ଲୁଖ ସାହେବଙ୍କର ଶରୀରରକ୍ଷୀ ମହମ୍ମଦ ଖାଁଙ୍କ ନାମରେ ପିସ୍ତଲ ରଖିବା ମୋକଦ୍ଦମା ଦାଏର ହୋଇଥିଲେ। ମହମ୍ମଦ ଖାଁଙ୍କ ନାମରେ ଅଭିଯୋଗ ହୋଇଥିଲା ଯେ ସେ ବିନା ଲାଇସେନ୍ସରେ ଗୋଟିଏ ପିସ୍ତଲ ତାଙ୍କ ଦଖଲ ମଧ୍ୟରେ ଲୁଚାଇ ରଖିଥିଲେ। ସବ ଡିଭିଜନାଲ ବନ୍ଧୁବାନଙ୍କୁ ତିନି ଦିନ ସୁଦ୍ଧା, ମୋକଦ୍ଦମା ନଥି କରିବାକୁ ପଡ଼ିଲେ। ଶେଷ ଦଣ୍ଡରେ ଛଅମାସ ସଶ୍ରମ କାରାଦଣ୍ଡର ବ୍ୟବସ୍ଥା ହେଲା।

---

## ରେଲ କମ୍ପାନି କ୍ଷତିପୂରଣ ଦେବେ

୧୯୩୦ ଡିସେମ୍ବର ୨୨ ତାରିଖରେ ବମ୍ବେ ନିକଟରେ ବୋମ୍ବେ ବରୋଦା ସେଣ୍ଟ୍ରାଲ ଇଣ୍ଡିଆ କମ୍ପାନି ପରିଚାଳିତ ଏକ ରେଲ ସହିତ ଗୋଟିଏ ଲରି ପୂର୍ଣ୍ଣ ମୋଟର ଲରିର ଲେବେଲ କ୍ରସିଂରେ ଧକ୍କା ଲାଗିଥିଲା। ସେ ଦୁର୍ଘଟଣାରେ ୧୧ ଜଣ ଲୋକ ହତ ହୋଇଥିଲେ ଏବଂ ୧୩ ଜଣ ଲୋକ ସାଂଘାତିକ ଭାବରେ ଆହତ ହୋଇଥିଲେ। ଏହି ମଧ୍ୟରୁ ୧୫ ଜଣ ଲୋକଙ୍କ ପକ୍ଷରୁ ରେଲ କମ୍ପାନି ନାମରେ କ୍ଷତି ପୂରଣ ଦାବିରେ ମୋକଦ୍ଦମା ଦାଏର ହୋଇଥିଲା। ରେଲକମ୍ପାନି ମୋକଦ୍ଦମା ଚଳାଇ ଭୁଲିଗଲେ। ଶେଷ ପୂରଣ ଦେବା ମୋକଦ୍ଦମା ଉଠାଇ ନେଇଛନ୍ତି।

---

## ଭାରତବର୍ଷରେ ହିଟଲର ପ୍ରଥାର ପ୍ରବର୍ତ୍ତନ

## କଲିକତା ପୁଲିସ ବିରୁଦ୍ଧରେ ଅଭିଯୋଗ

ଭାରତର ମାଞ୍ଚେଷ୍ଟର ଗାର୍ଡିଆନ ପତ୍ରର ବିଶେଷ ପ୍ରତିନିଧି ଶ୍ରୀ ଦେଶପାଣ୍ଡେ ଗାନ୍ଧୀ ବର୍ତ୍ତମାନ ଜର୍ମାନ ସାମ୍ରାଜ୍ୟ ଭ୍ରମଣ କରି ହିଟଲର ଶାସନ ସମ୍ବନ୍ଧରେ ଏକ ପତ୍ର ଲେଖିଥିଲେ। ସେଥିରେ ସେ ଲେଖିଥିଲେ ଜର୍ମାନିରେ ଏହା କୌଣସି ନୂତନ କଥା ନୁହେଁ। ଭାରତରେ ଯଥା ଯେଉଁ ଉଦାହରଣ ସରକାର ଶାସନ ପ୍ରଣାଳୀରେ ଚଳନ୍ତି। ଏହି ସମୟରେ ସେ କଲିକତାରେ ବସିଥିବା କଂଗ୍ରେସର ବାର୍ଷିକ ଅଧିବେଶନ ସମ୍ବନ୍ଧରେ କଲିକତା ପୁଲିସ ଯେଉଁ ସବୁ କାଣ୍ଡ କରିଥିଲା ସାଧାରଣଙ୍କୁ ତାହା ଜଣାଇ ଦେଇଥିଲେ। ସେ ସେଥିରେ ପ୍ରକାଶ କରିଥିଲେ ମାଞ୍ଚେଷ୍ଟର ଗାର୍ଡିଆନ ପତ୍ରିକାର ସମ୍ପାଦକ ତାଙ୍କ ପ୍ରବନ୍ଧ ନେଇ ସେ ସମ୍ବନ୍ଧରେ ଭାରତ ସରକାରଙ୍କୁ ଏ ବିଷୟରେ ପୂର୍ଣ୍ଣ ଅନୁସନ୍ଧାନ କରିବାକୁ ପରାମର୍ଶ ଦେଇଅଛନ୍ତି।

---

## ଜିଲ୍ଲାବୋର୍ଡ ନିର୍ବାଚନ

### ରିଟର୍ଣ୍ଣିଂ ଅଫିସର ନିଯୁକ୍ତ ହେଲେ

### ସରକାରୀ ଇସ୍ତାହାର

କଟକ, ତା ୧୦।୫।୩୭

କଟକ ଜିଲ୍ଲା ମାଜିଷ୍ଟ୍ରେଟ ତାଙ୍କର ମଇ ତା ୧୦ ରିଖରେ ନ ୩୬୯ ନମ୍ବର ଇସ୍ତାହାରରେ ଜିଲ୍ଲାବୋର୍ଡ ନିର୍ବାଚନ ଆଇନର ୫୬ଦଫା ବଳରେ ନିମ୍ନଲିଖିତ ସ୍ଥାନ ସକଳରେ ନିର୍ବାଚନ ନିମନ୍ତେ ନିମ୍ନଲିଖିତ ରିଟର୍ଣ୍ଣିଂ ଅଫିସର ନିଯୁକ୍ତ କରିଅଛନ୍ତି :—

କଟକ ସଦର, ଟାଙ୍ଗି, ମାହାଙ୍ଗା, ସାଲେପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ଗୋବିନ୍ଦପୁର, ଭାଲିଆବାଡ଼ି, ଏରସାମା, ତିର୍ତ୍ତୋଲ ଥାନା ପାଇଁ କଟକ ସଦର ସବଡିଭିଜନାଲ ଅଫିସର, ବାଙ୍କି ଓ ବେନିଡ଼ାପାଇଁ ବାଙ୍କିର ଡେପୁଟି ମାଜିଷ୍ଟ୍ରେଟ, ଯାଜପୁର, ଧର୍ମଶାଳା, ବଡ଼ଚଣା, କୋରେଇ, ବଡ଼ଚଣା ଓ ବିଞ୍ଝାରପୁର ଥାନାପାଇଁ ଯାଜପୁର ସବଡିଭିଜନାଲ ଅଫିସର ଏବଂ କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ, ଆଳି, ରାଜକନିକା, ମହାକାଳପଡ଼ା ଓ ରାଜନଗର ଥାନା ପାଇଁ କେନ୍ଦ୍ରାପଡ଼ା ସବଡିଭିଜନାଲ ଅଫିସର ରିଟର୍ଣ୍ଣିଂ ଅଫିସର ନିଯୁକ୍ତ ହୋଇଛନ୍ତି।

---

## ମିଃ ଆୟଙ୍ଗାରଙ୍କ ଭେଟ

ଶ୍ରୀଯୁକ୍ତ ରଙ୍ଗସ୍ୱାମୀ ଆୟଙ୍ଗାର କଂଗ୍ରେସ ଓର୍କିଂ କମିଟିରେ ସଭ୍ୟ ହେବାପାଇଁ ନିର୍ବାଚିତ ହୋଇଛନ୍ତି। ୧୧ ତାରିଖରେ ସେ ଦିଲ୍ଲୀ ଯାତ୍ରା କଲେ। ଯିବା ପୂର୍ବରୁ ସେ ତାଙ୍କ ମଣ୍ଡଳରେ ମାନ୍ଦ୍ରାଜ ଲାଟଙ୍କ ସହିତ ସାକ୍ଷାତ କରିଥିଲେ। ଶ୍ରୀ ରଙ୍ଗସ୍ୱାମୀ ଆୟଙ୍ଗାର ବର୍ତ୍ତମାନ ମାନ୍ଦ୍ରାଜରେ ହିନ୍ଦୁ କାଗଜର ସମ୍ପାଦକତା କରୁଛନ୍ତି। ପୂର୍ବେ ଭାରତ ବ୍ୟବସ୍ଥାପକ ସଭାର ମେମ୍ବର ଥିଲେ ଏବଂ ଅସହଯୋଗ ଆନ୍ଦୋଳନ ସମୟରେ ମହାତ୍ମା ଗାନ୍ଧୀଙ୍କର ଦକ୍ଷିଣ ହସ୍ତସ୍ୱରୂପ ଥିଲେ। ଦେଶବନ୍ଧୁ ଚିତ୍ତରଞ୍ଜନ, ପଣ୍ଡିତ ମୋତିଲାଲ ନେହେରୁ ଦି ସ୍ୱରାଜ ଦଳର ଜଣେ ପ୍ରଧାନ ନେତା ସ୍ୱରୂପ ଶ୍ରୀଯୁକ୍ତ ଆୟଙ୍ଗାର କାର୍ଯ୍ୟ କରିଥିଲେ। କିନ୍ତୁ ଅଇନ ଅମାନ୍ୟ ଆନ୍ଦୋଳନ ପ୍ରବର୍ତ୍ତିତ ହେବା ଦିନଠାରୁ ତାଙ୍କ ସମ୍ପର୍କ କଂଗ୍ରେସ ସହିତ କମିଯାଇଛି। ଶାସନ ସଂସ୍କାର ଦାବିରେ କଂଗ୍ରେସ ସହଯୋଗ ନ କରୁଥିଲେ ମଧ୍ୟ ସେ ଦଳର ଗଣ୍ଡଗୋଳରେ ଜାତୀୟ ସମାଚାର ପତ୍ରର ରହିଛନ୍ତି।

---

## ସ୍ୱର୍ଣ୍ଣ ରପ୍ତାନୀ

ଗତ ସପ୍ତାହରେ ବମ୍ବେରୁ ସବୁଠାରୁ ୫୧୧୮୧୪୨୬୭ ଟଙ୍କା ମୂଲ୍ୟର ସୁନା ବାହାର ଗଲା।

ଗତ ମେ ମାସଠାରୁ ଏବର୍ଷ ମେ ମାସ ପର୍ଯ୍ୟନ୍ତ ମୋଟରେ ଏହି ବର୍ଷ ମଧ୍ୟରେ ୪୩୬୩୬୨୧୧୫୮ ଟଙ୍କାର ସୁନା ବାହାରି ଗଲାଣି ଏ ଭାରତ ବର୍ଷରୁ।

---

## ଦୁଇ ସ୍ତ୍ରୀ ଏକ ଭାବରେ ମଲେ

